## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଧର୍ମଶାଳା,୩୦।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଲେଲୱେ ଓଭର ବ୍ରିଜ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅଚ୍ୟୁତପୁର ଗ୍ରାମର ସୁଶାନ୍ତ ସାହୁଙ୍କ ପୁଅ ସ୍ମୃତିରଞ୍ଜନ ସାହୁ(୩୧)। ସ୍ମୃତିରଞ୍ଜନ ଓଡି-୩୪-କେ-୯୮୪୨ନଂ. ବିଶିଷ୍ଟ ବାଇକରେ ଚଣ୍ଡିଖୋଲରୁ ଫେରୁଥିବାବେଳେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚିତ ତାଙ୍କୁ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୬୮୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### କାଳୀପୂଜା ପାଇଁ ସିଂହପୁର ଚଳଚଞ୍ଚଳ

ସିଂହପୁର,୩୦।୧୦
(ଅନଙ୍ଗ ଉଦୟ ବେଉରିଆ):

ମା' ଶ୍ୟାମାକାଳୀପୂଜା ପାଇଁ ସିଂହପୁର ଚଳଚଞ୍ଚଳ ହୋଇପଡ଼ିଛି। ବିଞ୍ଝାରପୁର ବ୍ଲକ୍‌ର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ସିଂହପୁର ବ୍ୟବସାୟୀ ସଂଘ ପକ୍ଷରୁ ୧୯୫୬ରୁ ମା'ଙ୍କ ପୂଜା ପ୍ରତି ବର୍ଷ ସମାରୋହରେ ପାଳନ କରାଯାଉଛି। ଏବେ ଏହା ସିଂହପୁରର ଗଣପର୍ବ ପାଲଟିଛି। ଏଥର ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପରିବେଷଣ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ମହୋତ୍ସବ ୧୦ ଦିନ ଧରି ଚାଲିବ। ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବାକୁ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

### ବାଣ ସହ ଗାଡ଼ି ଜବତ

ରସୁଲପୁର,୩୦।୧୦(ରଂଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ହାଟରେ ବେଆଇନ ବାଣ ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରି ବାଣ ଜବତ କରିବା ସହ ଜଣେ ବେପାରୀଙ୍କୁ ଥାନାକୁ ଆଣି ତାଗିଦ୍ କରି ଛାଡ଼ିଛି। ସେ ହେଲେ ସ୍ମୃତିରଞ୍ଜନ ସାହୁ। ତାଙ୍କ ଦୋକାନରୁ ୫ ବସ୍ତା ତାଳଫୋଟକା, ଝରଝରି, ସୁତୁଲିବମ ଏବଂ ଧପଧପି ଜବତ କରାଯାଇଛି। ଅନ୍ୟ ଏକ ଦୋକାନରୁ ୭ ବସ୍ତା ସମାନ ପରିମାଣର ବାଣ ସହ ଏକ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି।



ଜବତ ବାଣ ଗାଡ଼ି।

# ଆଦିବାସୀ ଭାଷା ସଂରକ୍ଷଣ, ପ୍ରୋତ୍ସାହନ କାର୍ଯ୍ୟକ୍ରମ

କାଳିଆପାଣି,୩୦।୧୦(ଅସିତ ମହାନ୍ତ):





ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଦିବାସୀମାନେ।

ଟାଟାଷ୍ଟିଲ ଫାଉଣ୍ଡେଶନ (ଟିଏସ୍‌ଏଫ୍) ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଆଦିବାସୀ ଭାଷା; ଏହାର ସୁରକ୍ଷା ଓ ପ୍ରସାର ବିଷୟବସ୍ତୁ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱଦେଶୀ ଭାଷାର ସୁରକ୍ଷା ଓ ଆଦିବାସୀ ଲୋକମାନଙ୍କ ମଧ୍ୟରେ ଭାଷାଗତ ବିବିଧତାର ପ୍ରସାର କରିବା। କର୍ମଶାଳାରେ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗରରୁ ଅଲ-ଚିକି ଓ ୱାରାଙ୍ଗଚିଟି ଲିପି ପାଇଁ ଟିଏସଏଫ୍ ଆଦିବାସୀ ଭାଷା ଶିକ୍ଷା କେନ୍ଦ୍ରରୁ ୧୦୦ରୁ ଅଧିକ ଶିକ୍ଷକ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରେ ସ୍ୱଦେଶୀ ଭାଷାର ଶିକ୍ଷାକୁ ସୁଦୃଢ଼ କରିବା ଲାଗି ଫାଉଣ୍ଡେଶନ ଜାରି ରଖିଥିବା ପ୍ରୟାସରେ ଏହି ଶିକ୍ଷକମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଏହାଦ୍ୱାରା ଆଦିବାସୀ ଭାଷାର ଐତିହ୍ୟ ସହ ସ୍ୱଦେଶୀ ଲିପିର ପ୍ରଚାର ଆହୁରି ସୁଦୃଢ଼ ହୋଇପାରିଛି। ଏହି ଅବସରରେ ଟାଟାଷ୍ଟିଲର ଫେରୋ ଆଲଏଜ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, ଭାଷା ହେଉଛି ଆମ ପରିଚୟ ଓ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ। ଏପରି କାର୍ଯ୍ୟକ୍ରମ ଜରିଆରେ ଆମେ ଆଦିବାସୀ ଭାଷା ଐତିହ୍ୟର ପ୍ରଚାର ଓ ପ୍ରସାରକୁ ସୁନିଶ୍ଚିତ କରିବା ସହ ଭାଷା, ସଂସ୍କୃତି ଓ ପ୍ରକୃତିକୁ ସମ୍ମାନ ଦେବାର ପରମ୍ପରାକୁ ଉଜ୍ଜୀବିତ କରିବାକୁ ଚେଷ୍ଟା ଜାରିରଖିଛୁ। କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ଦ୍ୱାରା ଆଦିବାସୀ ଭାଷାରେ ଏକ ନୁକ୍କଡ଼ ନାଟକ ଆୟୋଜନ କରାଯାଇଥିଲା। ଶିଶୁ ଶ୍ରମିକଙ୍କୁ ବିରୋଧ, ସମସ୍ତଙ୍କ ପାଇଁ ଶିକ୍ଷାର ମହତ୍ତ୍ୱ, ମ୍ୟାଲେରିଆ, ଡେଙ୍ଗୁ, ଯକ୍ଷ୍ମା ଓ ଅପପୁଷ୍ଟିର ଚିକିତ୍ସା ଉପରେ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବାଲ୍ୟ ବିବାହର ନକାରାତ୍ମକ ଦିଗଗୁଡ଼ିକ ଉପରେ ମଧ୍ୟ ନାଟକରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଫ୍‌ଏଏମ୍‌ଡି ଖଣି ମୁଖ୍ୟ ଶମ୍ଭୁନାଥ ଝା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଦିବାସୀ ଭାଷାର ସୁରକ୍ଷା ଓ ସାଂସ୍କୃତିକ ଐତିହ୍ୟର ପ୍ରସାରକୁ ନେଇ କମ୍ପାନୀର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ବହୁଭାଷୀ ଶିକ୍ଷା ଭୁବନେଶ୍ୱରର ରାଜ୍ୟ ସଂଯୋଜକ ଡ. ପରମାନନ୍ଦ ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦିବାସୀଙ୍କ ପାଇଁ ଶିକ୍ଷା ଓ ସାମାଜିକ ସୁଯୋଗରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବାଣ ବେପାରୀ ଥାନାରେ ଅଟକ, ବାଣ ଜବତ

ବ୍ରହ୍ମବରଦା,୩୦।୧୦
(ଯଯାତି କେଶରୀ ବେହେରା):

ଦୀପାବଳିରେ ବାଣ ଫୁଟାଇବା ପାଇଁ ସନ୍ଧ୍ୟା ୭ରୁ ରାତି ୯ଘଟିକା ପର୍ଯ୍ୟନ୍ତ ଅନୁମତି ମିଳିଛି। ସେହିପରି ୧୨୫ ଡେସିବିଲରୁ ଅଧିକ ଶବ୍ଦ ସୃଷ୍ଟିକରୁଥିବା ବାଣ ବିକ୍ରି ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରିହୋଇଛି। ବିନା ଅନୁମତିରେ ବାଣ ବିକ୍ରି ଉପରେ ମଧ୍ୟ ନିଷେଧାଦେଶ ଜାରି କରାଯାଇଛି। କିନ୍ତୁ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି ବ୍ରହ୍ମବରଦା ପଞ୍ଚାୟତଠାରେ। କେତେଜଣ ବାଣ ବେପାରୀ ଅନୁମତି ପତ୍ର ଆଣିଥିବା ବେଳେ ଆଉ କେତେଜଣ ବିନା ଅନୁମତିରେ ବାଣ ବିକ୍ରି କରୁଥିବା ଖବର ପାଇ ବ୍ରହ୍ମବରଦା ପୋଲିସ ଚଢ଼ାଉ କରି ବାଣ ଜବତ କରିବା ସହିତ ଜଣେ ବେପାରୀ ଅକ୍ଷୟ ବେହେରାଙ୍କୁ ଥାନାରେ ଅଟକ ରଖିଛି। ଏନେଇ ଥାନା ଅଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି। ଏହିପରିଭାବେ ବ୍ରହ୍ମବରଦା, ବନ୍ଧଡ଼ିହ, ମଙ୍ଗରାଜପୁର, କାକୁଡ଼ିକୁଦ, ସାମନ୍ତରାପୁର ଓ ଅନ୍ୟ ସ୍ଥାନରେ ଚୋରାରେ ବାଣ ବିକ୍ରି କରାଯାଇଥିବା ଦେଖିବାକୁ ମିଳିଛି। ସବୁଜ ବାଣ ବିକ୍ରି ଅନୁମତି ଥିବାବେଳେ କିପରି ୧୨୫ ଡେସିବିଲରୁ ଅଧିକ ଶବ୍ଦ ପ୍ରଦୂଷଣ କାରୀ ବାଣ ବିକ୍ରି କରାଯାଉଛି ତାହା ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଜବତହୋଇଥିବା ବାଣ।

# ଜଳ ନିଷ୍କାସନ ପାଇଁ ଆଡ଼ିବନ୍ଧ ଭାଙ୍ଗିଲା ପ୍ରଶାସନ

ବିଞ୍ଝାରପୁର,୩୦।୧୦(ରାମକୃଷ୍ଣ ଦାସ):

ବର୍ଷାଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ବୁଧବାର ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକ୍ ହଳଦୀଡ଼ିହ ପଞ୍ଚାୟତର ଅଣ୍ଡାଳଠାରେ ଜୋକେର ନାଳରେ ମାଛଧରିବାକୁ ତିଆରି ହୋଇଥିବା ଆଡ଼ିବନ୍ଧକୁ ଭଙ୍ଗାଯାଇଛି। ବାତ୍ୟା ଦାନା ଯିବାପରେ ଲଗାଣ ବର୍ଷା ଯୋଗୁ ବିଞ୍ଝାର ବ୍ଲକ୍‌ର ହଜାରହଜାର ହେକ୍ଟର ଧାନ ଫସଲରେ ଆଣ୍ଠୁଏ ଉଚ୍ଚାର ବର୍ଷା ପାଣିଜମି ରହିଥିଲା। ଏହି ଆଡ଼ିବନ୍ଧକୁ ଭାଙ୍ଗିବା ପାଇଁ ଚାଷୀମାନେ ପ୍ରଶାସନ ନିକଟରେ ଦାବି ଜଣାଇଥିଲେ। ବିଞ୍ଝାରପୁର ତହସିଲଦାର କୈଳାସ ଚନ୍ଦ୍ର ମହାଲିକ, ଜଳ ନିଷ୍କାସନ ବିଭାଗ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ସୁଜୟ କୁମାର ପ୍ରଧାନ, ଅଳକୁଣ୍ଡ ଥାନା ଭାରପ୍ରାପ୍ତ ଥାନାଧିକାରୀ ପ୍ରଶାନ୍ତ ଦାଶଙ୍କ ଉପସ୍ଥିତିରେ ଆଡ଼ିବନ୍ଧଗୁଡ଼ିକ ଭଙ୍ଗାଯାଇଥିବା ଜଣାପଡ଼ିଛି।



ଜିଲା ପ୍ରଶାସନ ପକ୍ଷରୁ ଆଡ଼ିବନ୍ଧ ଭଙ୍ଗାଯାଉଛି।

# ୬ ଶିଶୁ ଶ୍ରମିକ ଉଦ୍ଧାର

ଯାଜପୁର ଟାଉନ,୩୦।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ବ୍ୟାସନଗର ପୌରପାଳିକା ଅନ୍ତର୍ଗତ ନହକା ଓ ଚୋରଦା ଅଞ୍ଚଳରେ ଜିଲା ପ୍ରଶାସନ ଚଢ଼ାଉ କରି ୧୨ରୁ୧୪ବର୍ଷ ବୟସର ୬ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ସମସ୍ତ ପିଲା ଅନୁସୂଚିତ ଜନଜାତି(ଏସ୍‌ଟି) ସମ୍ପ୍ରଦାୟର। ସେମାନେ ଦିନକୁ ୧୫୦-୨୦୦ ଟଙ୍କା ମଜୁରିରେ ମାଛ ଧରିବା, କାଟିବା, ବିକ୍ରି କରିବା ଏବଂ ମଟନ୍ ଦୋକାନରେ କାମ କରୁଥିଲେ। ସେମାନଙ୍କୁ ସର୍ବନିମ୍ନ ଦରମାରେ ଦୈନିକ ୭/୮ ଘଣ୍ଟାରୁ ଅଧିକ ସମୟ କାମ କରିବାକୁ ବାଧ କରାଯାଉଥିଲା। ଅଧିକାଂଶ ପିଲା ଅସୁବିଧା କାରଣରୁ ପାଠପଢ଼ା ଛାଡି ବାଧ ହୋଇ କମ୍ ମଜୁରିରେ ଶୋଷଣ ମୂଳକ କାର୍ଯ୍ୟ କରିବାକୁ ବାଧ ହୋଇଛନ୍ତି। ଏହି ଅଞ୍ଚଳରେ ଶିଶୁ ଶୋଷଣ ନେଇ ବିଭିନ୍ନ ସୂତ୍ରରୁ ଅଭିଯୋଗ ଆସିବା ପରେ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ମାନସିକ-ସାମାଜିକ ପରାମର୍ଶ ଦିଆଯାଉଛି। ଯଦି ପିଲାମାନେ ବନ୍ଧା ଶ୍ରମିକ ବୋଲି ନିଶ୍ଚିତ ହୁଅନ୍ତି ତେବେ ଜିଲା ପ୍ରଶାସନ ରିଲିଜ୍ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ଉପଯୁକ୍ତ ଥଇଥାନ ସୁନିଶ୍ଚିତ କରିବାକୁ ଯୋଜନା କରିଛି। ସମ୍ପୃକ୍ତ ଆଇନ ଅନୁଯାୟୀ ନିଯୁକ୍ତିଦାତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିଶୁମାନଙ୍କୁ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ନିକଟରେ ହାଜର କରାଯାଇ ଉତ୍କଳ ବାଳାଶ୍ରମରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇଛି। ଆଗାମୀ ଦିନରେ ଯାଜପୁର ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଜିଲା ଭିଜିଲାନ୍ସ କମିଟି, ଜିଲା ଶିଶୁ ସୁରକ୍ଷା ଟାସ୍କ ଫୋର୍ସ (ଡିସିପିଟିଏଫ୍), ବେସରକାରୀ ଅନୁଷ୍ଠାନ ଓ ଅନ୍ୟ ସମ୍ପୃକ୍ତ ବିଭାଗର ସହଯୋଗରେ ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ରହିଛି। ଉଦ୍ଧାର କାର୍ଯ୍ୟରେ ଚାଇଲ୍ଡ ହେଲ୍ପଲାଇନ ସଂଯୋଜକ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଯାଜପୁର ରୋଡ ଆଇଆଇସି, ଦାନଗଦି ଓଆଇସି ଓ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ପୋଲିସ ଓ ଅନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

# ଧର୍ମଶାଳା ବ୍ଲକ୍‌ରେ ଭତ୍ତା ବଣ୍ଟନ

ଧର୍ମଶାଳା,୩୦।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକରେ ବୁଧବାର ୧୦୩ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବ୍ଲକ ସଭାଗୃହରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଭତ୍ତା ବଣ୍ଟନ କରିଛନ୍ତି। ଏଥିରେ ମଧୁବାବୁ ପେନସନ ଯୋଜନାରେ ୨୫ ବୃଦ୍ଧାବୃଦ୍ଧ, ୬୭ ବିଧବା ଓ ୧୧ ଭିନ୍ନକ୍ଷମଙ୍କୁ ୧ ହଜାର ଟଙ୍କା ଲେଖାଏ ମୋଟ୍ ୧ ଲକ୍ଷ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ସହ ଅଧିକାରୀ ରଜଲକ୍ଷ୍ମୀ ମହାପାତ୍ର, ବ୍ଲକ ପ୍ରୋଗ୍ରମ ଅଫିସର ତାପସ କୁମାର ବେହେରା ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ପିଇଓମାନେ ଉପସ୍ଥିତ ରହି ହିତାଧିକାରୀ ଚିହ୍ନଟ କରିବାରେ ସହଯୋଗ କରିଥିଲେ।



ବିଧାୟକ ହିମାଂଶୁ ଶେଖର ସାହୁ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

# ଜିଲା କ୍ରିକେଟ ସଂଘର ପକ୍ଷପାତ ନୀତି

ଯାଜପୁର,୩୦।୧୦(ହର୍ଷବର୍ଦ୍ଧନ ବେହେରା) :

- ପ୍ରତିଭାଶାଳୀ ଖେଳାଳିଙ୍କୁ ଅଣଦେଖା ଅଭିଯୋଗ
- ଠିକ୍ ତଥ୍ୟ ମାଗିଲେ ଜିଲାପାଳ

ଜିଲା କ୍ରିକେଟ ଆସୋସିଏଶନର ମନମାନି କାର୍ଯ୍ୟକ୍ରମ ତଥା ବିଦ୍ୟାଳୟସ୍ତରୀୟ ଶିଶୁ କ୍ରୀଡ଼ାବିତ୍‌ମାନଙ୍କୁ ଅସମାନତା ଓ ପକ୍ଷପାତିତା ଅଭିଯୋଗ ଉପରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡୀ ଜିଲା କ୍ରିକେଟ ଆସୋସିଏଶନ ସଭାପତିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହି ମର୍ମରେ ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୬୭୦/୨୯।୧୦।୨୦୨୪ରେ ଆବଶ୍ୟକ ତଦନ୍ତ କରି ବାସ୍ତବ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଉକ୍ତ ନିର୍ଦ୍ଦେଶରେ ଚାନ୍ଦପୁର ଗ୍ରାମର ଜେସମ ଅଜିମ, ନିଶିମାଳ ଗ୍ରାମର ଅଭିଜିତ ସ୍ୱାଇଁ ଓ ସାନବାଗସାହି ଗ୍ରାମର ଶୁଭମ ଦାସ ପ୍ରତିଭାଶାଳୀ କ୍ରିକେଟର ହୋଇଥିଲେ ହେଁ ସେମାନଙ୍କୁ ଚୟନ କରାଯାଇ ନ ଥିଲା ବୋଲି ଦର୍ଶାଯାଇଛି।

ସୂଚନାଯୋଗ୍ୟ, ମଙ୍ଗଳବାର ବିଭିନ୍ନ ବ୍ଲକର ଶିଶୁ କ୍ରୀଡାବିତ୍ ଓ ସେମାନଙ୍କ ଅଭିଭାବକମାନେ ଜିଲାପାଳଙ୍କୁ ଭେଟି ଜିଲା କ୍ରିକେଟ୍ ଆସୋସିଏଶନ ଦ୍ୱାରା ସେମାନଙ୍କ ଶିଶୁମାନଙ୍କୁ ଅଣଦେଖା, ଚୟନ ବେଳେ ଅବିଚାର କରି ମ୍ୟାଚରେ ପକ୍ଷପାତିତା କରିଥିବା ସଂକ୍ରାନ୍ତରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ୧୬ ବର୍ଷରୁ କମ୍ ବୟସ ରାଜ୍ୟସ୍ତରୀୟ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ କେତେଜଣ ଶିଶୁ କ୍ରୀଡାବିତଙ୍କୁ ଅଣଦେଖା କରାଯାଇଥିଲା। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ମନମାନି କରି ନିଜର ପାଖ ଓ ଦୂର ସମ୍ପର୍କୀୟ ଶିଶୁଙ୍କୁ ଜିଲା କ୍ରିକେଟ୍ ଟିମରେ ସାମିଲ କରିଥିଲେ। ଫଳରେ ଭଲ ପ୍ରଦର୍ଶନ କରୁଥିବା ଶିଶୁ କ୍ରୀଡାବିତ୍‌ମାନେ ଗତ ମ୍ୟାଚରୁ ବଞ୍ଚିତ ହୋଇଥିଲେ। ଅପରପକ୍ଷେ ଓଡ଼ିଶା କ୍ରିକେଟ ଆସୋସିଏଶନ ନିଜର ଆଇନବଳୀରେ ଅସମାନତା, ପକ୍ଷପାତିତା ନୀତିକୁ ବିରୋଧ କରୁଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏଭଳି ପକ୍ଷପାତିତା ନୀତି ଓ ଅଯଥା ରାଜନୈତିକ ହସ୍ତକ୍ଷେପ ଯୋଗୁ ଓଡ଼ିଶା କ୍ରିକେଟର ସଫଳତା ବହୁ ଦୂରରେ ରହି ଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଜଳ ନିଷ୍କାସନ ପଥ ଅବରୋଧ ନେଇ ରାସ୍ତାରୋକୋ

ବରୀ,୩୦।୧୦(ମହେନ୍ଦ୍ର ସ୍ୱାଇଁ):

ବରୀ-କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ କେତେଜଣ ଲୋକ ମାଛ ଧରିବା ନିମନ୍ତେ ଜାଲ ବସାଇବା ଯୋଗୁ ପାଣି ନିଷ୍କାସନ ବାଧାପ୍ରାପ୍ତ ହେଉଥିଲା। ଏହାର ପ୍ରତିବାଦରେ ଲୋକେ ରାସ୍ତା ଅବରୋଧ କରିବାରୁ ଜଳ ନିଷ୍କାସନ ପଥ ଅବରୋଧକୁ ହଟାଇଦିଆଯାଇଛି। ଏହାପରେ ରାସ୍ତାରୋକୋ ହଟିଛି।

ସୂଚନା ମୁତାବକ, ବର୍ଷା ପାଣି ଗଚ୍ଛିତ ରହିବାରୁ ବରୀ, ଅଲ୍ଲିପୁର, ବାଲିବିଲ, କୋରଡ଼ା ପିପଲ ଅଞ୍ଚଳର ଶହଶହ ଚାଷୀ ବରୀ ତହସିଲଦାରଙ୍କ ନିକଟରେ ପାଣି ନିଷ୍କାସନ ପାଇଁ ଦାବି କରିଥିଲେ। ବୁଧବାର ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ବରୀ-ରାମଚନ୍ଦ୍ରପୁର ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତି ଓ ଏସ୍‌ଆଇ ରମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ଜାଲ ହଟାଇବା ସହ ବାଡ଼ଗୁଡ଼ିକୁ ହଟାଇ ଦେଇଛନ୍ତି। ଏହାପରେ ଜଳ ନିଷ୍କାସନ ସ୍ୱାଭାବିକ ହୋଇଛି।

# ବିର୍ସା ବାହିନୀ ପକ୍ଷରୁ ବାତ୍ୟାବିପନ୍ନଙ୍କୁ ସହାୟତା

ବରୀ,୩୦।୧୦(ମହେନ୍ଦ୍ର ସ୍ୱାଇଁ):

ବାତ୍ୟା ଦାନା ପ୍ରଭାବରେ ବରୀ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ବିର୍ସା ବାହିନୀ ଫାଉଣ୍ଡେସନ ପକ୍ଷରୁ ସହାୟତା କରାଯାଇଛି। ଫାଉଣ୍ଡେସନ ରାଷ୍ଟ୍ରୀୟ ଅଧ୍ୟକ୍ଷା ପ୍ରିୟା ମୁଣ୍ଡାଙ୍କ ଅନୁଦାନରେ ଓଡ଼ିଶା ପ୍ରାନ୍ତ ଶାଖା ଅଧ୍ୟକ୍ଷ ଆଡଭୋକେଟ ରୂପେଶ ମହାନ୍ତି ଓ ସୌମ୍ୟକାନ୍ତ ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରୀ ବ୍ଲକର ଉଦୟନାଥପୁର, ରମ୍ଭା, କିମ୍ବିରିଆପାଳ ପଞ୍ଚାୟତର ସବରସାହି ଓ ଅଟିରା ପଞ୍ଚାୟତରେ ପଲିଥିନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ପରିଡ଼ା, କୁଳମଣି କର, ଚିନ୍ମୟୀ ମହାନ୍ତି, ଶ୍ରୀକାନ୍ତ ଦାସ, ନରେନ୍ଦ୍ର ଦାସ, ବିଷ୍ଣୁ ପ୍ରସାଦ ସାହୁ ଓ ନିରୁପମା ମହାନ୍ତି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।





ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ବିଞ୍ଝାରପୁର,୩୦।୧୦(ରାମକୃଷ୍ଣ ଦାସ):

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅଙ୍ଗାଲୋ ପଞ୍ଚାୟତସ୍ଥିତ ଲଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଭରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ମୁଖ୍ୟ ଅମ୍ବିକା ପ୍ରସାଦ ସାମଲ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ସରପଞ୍ଚ ଅଟଳ ବିହାରୀ ନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶକୁନ୍ତଳା ମଲିକ, ମଦନ ମୋହନ ପରିଡ଼ା, ଅଧ୍ୟାପକ ସରୋଜ କୁମାର ସାମଲ, ଅଧ୍ୟାପିକା ମାନିନୀ ବେହେରା ପ୍ରମୁଖ ଯୋଗଦେଇ ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋଚନା କରିବା ସହ ଭାରତକୁ ଦୁର୍ନୀତି ମୁକ୍ତ କରିବା ପାଇଁ ଯୁବପିଢ଼ିଙ୍କୁ ସଚେତନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରୀଛାତ୍ର ଦୁର୍ନୀତି ମୁକ୍ତ ଭାରତ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ବିପଦସଙ୍କୁଳ ବାତ୍ୟା ଆଶ୍ରୟସ୍ଥଳ ଭଙ୍ଗାଯାଉ: ଅମରେନ୍ଦ୍ର

ଜଗତ୍‌ସିଂହପୁର, ୩୦।୧୦
(ପ୍ରମୋଦ କୁମାର ନାୟକ)

- ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ଦିବସ
- ଜଗତ୍‌ସିଂହପୁର ଏମ୍‌ଆଇ କାର୍ଯ୍ୟରେ ଖିଲାପ କରିଛନ୍ତି
- ବାତ୍ୟା ଦାନା ସମୟରେ କେତେକ ଅସ୍ଥାୟୀ ଶିବିରରେ ତ୍ରୁଟି ଥିଲା

୧୯୯୯ ମହାବାତ୍ୟା ଯିବା ଏଥିମଧ୍ୟରେ ୨୫ ବର୍ଷ ହୋଇଗଲାଣି। ସେତେବେଳେ ଜିଲାରେ ନିର୍ମାଣ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକ ବିପଦସଙ୍କୁଳ ହୋଇପଡ଼ିଲାଣି। ଲୁହାରଡ଼ ଦେଖାଯିବା ସହ ଛାତରୁ କଂକ୍ରିଟ ଖଣ୍ଡ ଖସିଲାଣି। ସେଗୁଡ଼ିକୁ ଚିହ୍ନଟ ସହ ଭଙ୍ଗାଯିବା ଉଚିତ। ଏଥିସହ ନୂଆ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ରଖାଯାଉ। କାରଣ ଜଗତ୍‌ସିଂହପୁର ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା ଭାବେ ପରିଚିତ। ଅନେକ ସମୟରେ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଚିନ୍ତାର କାରଣ ହେଉଛି। ଜିଲାର ନାଉଗାଁ ବ୍ଲକ ଅଞ୍ଚଳରେ ଗୋଟିଏ ବି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ନ ଥିବାବେଳେ ଜଗତ୍‌ସିଂହପୁରରେ ହାତ ଗଣତି କେତୋଟି ଅଛି। ବିପର୍ଯ୍ୟୟ ସମୟରେ ଅସ୍ଥାୟୀ ଶିବିରରେ ଲୋକଙ୍କୁ ରଖାଯାଉଥିଲେ ସୁଦ୍ଧା ତାହା ସନ୍ତୋଷଜନକ ହେଉନି। ମଙ୍ଗଳବାର ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି।


ଅମରେନ୍ଦ୍ର ଦାସ

ସେ ଏକଥା ମଧ୍ୟ କହିଛନ୍ତି, ନିକଟରେ ଯାଇଥିବା ବାତ୍ୟା 'ଦାନା' ମୁକାବିଲା ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିଲା। କିନ୍ତୁ କେତେକ ଅସ୍ଥାୟୀ ଶିବିରରେ ପରିଚାଳନାରେ ତ୍ରୁଟି ଦେଖିବାକୁ ମିଳିଥିଲା। ୩୦ରୁ୪୦ ଜଣ ଲୋକଙ୍କ ପାଇଁ ୫ରୁ ୬ କେଜି ଚୁଡ଼ା ଓ ୪ଟି ପାଣି ପାଉଚ ଥିଲା। ଗୁଡ କି ଚିନି ନ ଥିଲା। ଯେଉଁ କାରଣରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ତ୍ରୁଟି ସ୍ୱୀକାର କରିବାକୁ ପଡ଼ିବ। ଯିଏ ଭୁଲ୍ କରିଛନ୍ତି ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏହି ଅବସରରେ ସେ ଜଗତ୍‌ସିଂହପୁର ଏମ୍‌ଆଇଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ, ବାତ୍ୟା ଦାନା ସମୟରେ ଏମ୍‌ଆଇ କାର୍ଯ୍ୟରେ ଖିଲାପ କରିଥିଲେ। ଅନେକ ସ୍ଥାନରେ ଠିକ୍ ସମୟରେ ଖାଦ୍ୟ ପହଞ୍ଚି ନ ଥିଲା। ରାତି ସାଢ଼େ ଗୋଟାଏ, ଦୁଇଟାରେ ଶୁଖିଲା ଖାଦ୍ୟ ଯଥା ଚୁଡ଼ା, ଗୁଡ଼ ପହଞ୍ଚିବା ଦୁଃଖଦାୟକ କଥା। ଛତୁଆ ପ୍ରାୟତଃ ସ୍ଥାନରେ ପହଞ୍ଚି ନ ଥିଲା। ସବୁ ସ୍ଥାନରେ ଛୋଟ ଛୋଟ ପିଲା ଥିଲେ ସୁଦ୍ଧା ସେମାନଙ୍କୁ ଉପଯୁକ୍ତ ସେବା ଦିଆଯାଇ ପାରି ନ ଥିଲା। ଏ ସମ୍ପର୍କରେ ସେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳଙ୍କୁ କହିଲା ପରେ ବିଡିଓ କିଣି ଦେଇଥିବା ନଜିର ଅଛି। ଏହି ପ୍ରସଙ୍ଗକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ନାଉଗାଁ ବ୍ଲକରେ ଜଣେ ମହିଳା କେଉଁ ପରିସ୍ଥିତିରେ ଭୟଭୀତ ହୋଇ ଅନ୍ୟତ୍ର ରହିଥିଲେ ସେ ପ୍ରସଙ୍ଗ ମଧ୍ୟ ହାଲୁକା ଭାବେ ନେବା ଉଚିତ ନୁହେଁ। ୧୯୯୯ ମହାବାତ୍ୟା କଥା ମନେ ପକାଇ ବିଧାୟକ ଦାସ ଏକଥା ମଧ୍ୟ କହିଥିଲେ ସେତେବେଳେ ଓଡ଼ିଶାର ପରମ ବନ୍ଧୁ ଥିଲା ଆନ୍ଧ୍ର। ଗିରିଧାରୀ ଗମାଙ୍ଗ ମୁଖ୍ୟମନ୍ତ୍ରୀ ଥିଲେ। ସେ ଜଣେ ଭଦ୍ର ଲୋକ। ତତ୍କାଳୀନ ଜଗତ୍‌ସିଂହପୁର ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସ ବାତ୍ୟା ପରେ ନଈ ବନ୍ଧରେ ଚାଲିଚାଲି ଭୁବନେଶ୍ୱର ଯାଇ ଜିଲାର ଦୁର୍ଦ୍ଦଶା କଥା କହିବାରୁ ଜଗତ୍‌ସିଂହପୁରକୁ ରିଲିଫ ଆସିବା ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ୫ରୁ ୬ ଦିନ ସମୟ ଲାଗିଥିଲା। ଗୁଜରାଟରୁ ଆସିଥିବା ଆର୍‌ଏସ୍‌ଏସ୍ ଭାଇମାନଙ୍କ ଅବଦାନକୁ କେବେ ଭୁଲି ହେବ ନାହିଁ। କାରଣ ସେମାନେ ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ବୁଦା ମୂଳ ସମେତ ଅନେକ ସ୍ଥାନରୁ ମୃତଦେହକୁ ପେଟ୍ରୋଲ ଢାଳି ସଂସ୍କାର କରି ଦେଉଥିଲେ ବୋଲି ବିଧାୟକ ଦାସ କହିଛନ୍ତି।

# ବର୍ଷାଜଳ ଘେରରେ ରାଜସ୍ୱ ବିଭାଗ ନିରୀକ୍ଷକଙ୍କ କାର୍ଯ୍ୟାଳୟ



ରାଜକନିକା, ୩୦।୧୦(ସଞ୍ଜୟ କୁମାର ଦାଶ)

ବାତ୍ୟା ଦାନା ପ୍ରଭାବରେ ଲଗାଣ ବର୍ଷା ହେବା ଫଳରେ ରାଜକନିକା ବ୍ଲକ କନିକା ତହସିଲ ଅଧୀନ ଆୟତନ ସର୍କଲର ଆୟତନ ବଜାରରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବର୍ଷାଜଳ ଘେରରେ ରହିଛି। ଏହି କାର୍ଯ୍ୟାଳୟକୁ ଦୈନନ୍ଦିନ ଶହ ଶହ ଲୋକ ନିଜର ଜମିବାଡ଼ି ତଥା ସ୍କୁଲ-କଲେଜରେ ପାଠ ପଢୁଥିବା ପିଲାମାନଙ୍କ ପାଇଁ ରେସିଡେନ୍ସ, ଇନକମ ସାର୍ଟିଫିକେଟ ଓ ବିଭିନ୍ନ କାର୍ଯ୍ୟ ପାଇଁ କାଗଜ ପତ୍ର ବାହାର କରିବାକୁ ପଡ଼ିଥାଏ। ସେଥିପାଇଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିଥାଏ। ହେଲେ ଦୀର୍ଘଦିନ ଧରି ବର୍ଷାଜଳ ଜମି ରହିବା ଫଳରେ କାର୍ଯ୍ୟାଳୟକୁ ଯିବାଆସିବା କରିବାରେ ଲୋକଙ୍କ ବାଧା ସୃଷ୍ଟି ହେଉଛି। ଠିକ୍ ସମୟରେ କାର୍ଯ୍ୟ ହୋଇ ନ ପାରିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳ ନିଷ୍କାସନର ରାସ୍ତାକୁ ଅବରୋଧ କରାଯିବାରୁ ଏପରି ସମସ୍ୟା ଉପୁଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ପଦନୀପାଳରେ ଦାନା ଭାଙ୍ଗିଦେଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ


ଚାଷୀମାନେ ପାଣିରେ ବୁଡ଼ି ରହିଥିବା ବିରି ଗଛକୁ ଦେଖାଉଛନ୍ତି।

ଆଳି, ୩୦।୧୦(ବନମାଳୀ ସେନାପତି )

ବାତ୍ୟା ଦାନା ଚାଲିଯାଇଥିବାବେଳେ ଚାଷୀଙ୍କ ମେରୁଦଣ୍ଡ ଉପରେ ଶକ୍ତ ପ୍ରହାର ଦେଇଛି। ଆଳି ବ୍ଲକର ଚାଷୀମାନେ ବାତ୍ୟା ଦାନା ଯିବାପରେ ଏବେ ନିଜ କ୍ଷେତକୁ ଦେଖି ଆଖିରୁ ଲୁହ ନିଗାଡୁଛନ୍ତି। ହଜାର ହଜାର ଏକର ଜମିରେ ହୋଇଥିବା ଧାନ, ପନିପରିବା, ବିରି ସବୁ ଏବେ ପାଣିରେ ବୁଡ଼ି ରହି ନଷ୍ଟ ହେବାରେ ଲାଗିଲାଣି। ଆଳି ବ୍ଲକ ପଦନୀପାଳ ପଞ୍ଚାୟତରେ ବାତ୍ୟା ପ୍ରଭାବରେ ହଜାରେ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବାବେଳେ ୫ଶହ ହେକ୍ଟର ବିରି ଫସଲ ନଷ୍ଟ ହୋଇଯାଇଛି। ମାସେ ହେବ ବିରି ପକାଇବା ପରେ ଚାଖଣ୍ଡେ ଲେଖା ଗଛ ହୋଇଥିବାବେଳେ ତାହା ଏବେ ପାଣି ଭିତରେ ବୁଡ଼ି ରହିଛି। ବିରି ଗଛ ମୂଳେ ପାଣି ବାଜିଲେ ତାହା ପଚି ଯାଉଥିବାବେଳେ ଏବେ ସେହି ବିରି କ୍ଷେତ ମଧ୍ୟରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି। ପାଣି ଭିତରେ ୪ ଦିନ ହେବ ଗଛ ଗୁଡ଼ିକ ବୁଡ଼ି ରହି ମୂଳ ପଚିବାକୁ ଆରମ୍ଭ କଲାଣି। ବାତ୍ୟା ଯିବା ପରେ ଏ ପର୍ଯ୍ୟନ୍ତ କୃଷି ବିଭାଗ ପକ୍ଷରୁ କୌଣସି ଅଧିକାରୀ ଆସି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଗ୍ରାମର ମୁଖ୍ୟ ଆର୍ଥିକ ମେରୁଦଣ୍ଡ ହେଉଛି ବିରି ଚାଷ। ଏଠାରେ ଅଧିକାଂଶ ଚାଷୀ ବିରି ଚାଷ କରୁଥିବା ବେଳେ ଅଳ୍ପ ଚାଷୀ ଧାନ କରିଥାନ୍ତି। ଚଳିତ ବର୍ଷ ପ୍ରାୟ ୫ଶହ ହେକ୍ଟର ବିରି ଚାଷ ହୋଇଥିବା ବେଳେ ହଜାରେ ହେକ୍ଟର ଧାନ ଚାଷ କରାଯାଇଥିଲା। ବିରି ଆରମ୍ଭରୁ ବାତ୍ୟା ସମ୍ପୂର୍ଣ୍ଣ ଭାବେ ଉଜାଡ଼ି ଦେଇଛି। ଶହେ ଭାଗରୁ ୨୦ଭାଗ ଧାନ ଭଲ ଥିବାବେଳେ ୮୦ ଭାଗ ନଷ୍ଟ ହୋଇ ଗଲାଣି। ଚାଷୀମାନେ ସମବାୟ ସମିତିରୁ ଋଣ କରିବା ସହ ସୁଧ ଓ ବିଭିନ୍ନ ସାମଗ୍ରୀ ବନ୍ଧକ ପକାଇ ଚାଷ କରିଥିବାବେଳେ ଏବେ ପରିବାର ଚଳାଇବା, ଋଣ ଶୁଝିବା ଚିନ୍ତାରେ ଚାଷୀମାନେ ରହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଚାଷୀମାନଙ୍କ ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ପଞ୍ଚାୟତର ଭଗବାନ ଜେନା, ଗଙ୍ଗାଧର ଦାସ, ରମାକାନ୍ତ ମଲ୍ଲିକ, ଭୋଳାନାଥ ମଲ୍ଲିକ, ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଗୁହାରି କରିଛନ୍ତି।

# କର୍କଟ ପୀଡ଼ିତା ମାନସୀଙ୍କ ଚିକିତ୍ସାରେ ଅର୍ଥ ବାଧକ

ଜଗତ୍‌ସିଂହପୁର, ୩୦।୧୦
(ପ୍ରମୋଦ କୁମାର ନାୟକ)



ମାନସୀ ଦାସ ଜଣେ ମେଧାବୀ ଛାତ୍ରୀ ଥିଲେ। ୧୯୯୨ରୁ ୧୯୯୭ ମଧ୍ୟରେ ସେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ (ଇଂରାଜୀ ସମ୍ମାନ) ଶିକ୍ଷାଲାଭ କରିଥିଲେ। ସବୁକିଛି ଠିକ୍‌ଠାକ୍ ଥିଲା। ବିବାହ ମଧ୍ୟ କରିଥିଲେ। ଯେହେତୁ ସ୍ୱାମୀ ଲକ୍ଷ୍ନୌରେ ଏକ ବେସରକାରୀ ସଂସ୍ଥାରେ ଚାକିରି କରିଥିଲେ ତେଣୁ ସେ ସେଠାକୁ ଚାଲି ଯାଇଥିଲେ। ଲକ୍ଷ୍ନୌରେ ଓକିଲାତି ଜାରି ରଖିଥିଲେ। କିନ୍ତୁ ସମୟର ବିଡମ୍ବନା। ୨ ବର୍ଷ ତଳେ ହଠାତ୍ ସେ କର୍କଟ ରୋଗରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ପରେ ସତେଯେପରି ମୁଣ୍ଡ ଉପରୁ ଛାତ ଉଡ଼ି ଯାଇଥିଲା ପରି ଅନୁଭବ କରିଥିଲେ। ସ୍ୱାମୀଙ୍କ କମ୍ ବେତନ ସାଙ୍ଗକୁ ତାଙ୍କ ସ୍ୱଳ୍ପ ରୋଜଗାରରେ ଲମ୍ବା ସମୟ ଧରି ଚିକିତ୍ସା ଜାରି ରଖିବା ତାଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ତଥାପି ସମ୍ବଳ ଥିବା ପର୍ଯ୍ୟନ୍ତ ଚିକିତ୍ସା କରିଥିଲେ। ଏକଦା ଅର୍ଥାଭାବ କାରଣରୁ ଆଉ ଚିକିତ୍ସା ତ ଦୂରର କଥା ଔଷଧ ମଧ୍ୟ କିଣିବା ସମ୍ଭବ ହୋଇ ନ ଥିଲା। ତେଣୁ ଯାହା ହେବ ଭାବି ହାତ ଟେକି ଦେଇଥିଲେ। ଏକପଟେ ୨ଟି ଛୋଟ ପିଲା ଓ ଅନ୍ୟପକ୍ଷେ ସ୍ୱାମୀଙ୍କ ମୁହଁ ସବୁବେଳେ ତାଙ୍କ ଆଖି ଆଗରେ ଭାସି ଚାଲିଥାଏ। କେବଳ ଭଗବାନ ହିଁ ସାହା ଭାବି ପ୍ରତି ମୁହୂର୍ତ୍ତରେ ଜୀବନର ନିଚ୍ଛକ ସତ୍ୟକୁ ଅନୁଭବ କରି ଚାଲିଥାନ୍ତି। ଏଭଳି ବିନା ଔଷଧରେ ୩ ମାସ କଟି ଯାଇଥିଲା। ସୌଭାଗ୍ୟ ସେଇ ସମୟରେ କେତେଜଣ ସହୃଦୟ ବ୍ୟକ୍ତି ଦେବଦୂତ ଭଳି ତାଙ୍କୁ ସାହାଯ୍ୟର ହାତ ବଢ଼ାଇଥିଲେ। ଯେଉଁକାରଣରୁ ମାନସୀ ପୁଣି ଚିକିତ୍ସା ପାଇଁ ସାହସ ଜୁଟାଇ ପାରିଥିଲେ। ଏହା ବିଶେଷକରି ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟମାନଙ୍କ ସହଯୋଗ ଯୋଗୁ ସମ୍ଭବ ହୋଇପାରିଥିଲା। ବେହେରା ମହାବିଦ୍ୟାଳୟ ନିଜସ୍ୱ ଗ୍ରୁପରେ ମାନସୀଙ୍କ ଦୁର୍ଦ୍ଦିନ କଥା ଉଲ୍ଲେଖ କରି ସାହାଯ୍ୟ ପାଇଁ ଅନୁରୋଧ କଲା ପରେ ପରିବେଶ ଅନୁକୂଳ ହୋଇଥିଲା। ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଆର୍ଥିକ ସହଯୋଗର ହାତ ବଢ଼ାଇଥିଲେ। କିନ୍ତୁ ଏହି ସହାୟତା ରାଶି ମାନସୀଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ହେଲା ନାହିଁ। ଆଉ ପାଖାପାଖି ୧୫ ଲକ୍ଷ ଟଙ୍କା ଆବଶ୍ୟକ। ଏ ପରିସ୍ଥିତିରେ ମାନସୀ ପୁଣି ମାନସିକ ଦୁର୍ବଳ ଅନୁଭବ କରିବା ଆରମ୍ଭ କରିଛନ୍ତି। ତଥାପି ବୁଧବାର ଅପରାହ୍ନରେ ସେ ମହାବିଦ୍ୟାଳୟରେ ପହଞ୍ଚି ସହଯୋଗକାରୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ଏହି ସମୟରେ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ଏହି ସମୟରେ ଅଧ୍ୟାପକ ବେହେରାଙ୍କ ସମେତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ସ୍ଥାନୀୟ କ୍ୟାରିୟର କ୍ରିଏଟର ଡାଇରେକ୍ଟର ତପନ କୁମାର ମଲ୍ଲିକ, ପୁରାତନ ଛାତ୍ର ସତ୍ୟବ୍ରତ ବିଶ୍ୱାଳ, ଟୁନୁ ନାୟକ ଓ ରାଧାକାନ୍ତ ମିଶ୍ର ପ୍ରମୁଖ ମାନସୀଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ତେବେ ବିଦାୟ ବେଳେ ମାନସୀଙ୍କ ଆଖିରେ ଧାର ଧାର ଲୁହ ବୋହିଯିବା ଆଉ କିଛି ବାର୍ତ୍ତା ଦେଇଥିଲା। ଏ ସମ୍ପର୍କରେ ରାଉତ କହିଛନ୍ତି, କେହି ମାନସୀଙ୍କୁ ସାହାଯ୍ୟ କରିବାକୁ ଚାହିଁଲେ ତାଙ୍କ ମୋବାଇଲ ନଂ. ୯୮୮୯୭୧୨୨୧୭ ଯୋଗେ ଯୋଗାଯୋଗ କରିପାରିବେ।

# ଛାତ୍ରୀଛାତ୍ରଙ୍କ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନେଇ ଗୁରୁତ୍ୱ


ବିଧାୟକ ଅବରେନ୍ଦ୍ର ଦାସ ଜଣେ ଛାତ୍ରୀଙ୍କୁ ପୋଷାକ ବଣ୍ଟନ କରୁଛନ୍ତି।

ଜଗତ୍‌ସିଂହପୁର, ୩୦।୧୦
(ପ୍ରମୋଦ କୁମାର ନାୟକ)

ସ୍ଥାନୀୟ ମାର୍କଣ୍ଡପୁରସ୍ଥିତ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଏଥିସହ ଶିକ୍ଷାନୁଷ୍ଠାନ ତଥା ଛାତ୍ରୀଛାତ୍ରଙ୍କ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ମଣ୍ଡଳ ଶିକ୍ଷାଧିକାରିଣୀ ମଧୁସ୍ମିତା ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନୁଷ୍ୟର ବ୍ୟକ୍ତିଗତ ଉନ୍ନତି ନିମନ୍ତେ ଶିକ୍ଷାର ଆବଶ୍ୟକତା ନିତାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ସତ୍ୟଜିତ ଶତପଥୀ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଏବଂ ଶିକ୍ଷୟିତ୍ରୀ ବବିତା ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତୀ ତ୍ରିପାଠୀ ବିଧାୟକଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ ଏବଂ ଶିକ୍ଷକ ଚନ୍ଦ୍ରଭାନୁ ଷଡ଼ଙ୍ଗୀ ପୋଷାକ ବିତରଣ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ବେହେରା, ଆଲୁମ୍‌ନି କମିଟିର ସଭାପତି ବିଶ୍ୱମ୍ଭର ରାଉତ, ସଦସ୍ୟ ବିଜୟ କୁମାର ଦତ୍ତଙ୍କ ସମେତ ପରିଚାଳନା କମିଟି, ଆଲୁମ୍‌ନି କମିଟିର ସଦସ୍ୟ, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଘରେ ପଶି ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ପାରାଦୀପ, ୩୦।୧୦(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ଯୁବକ ପଡ଼ୋଶୀ ଘରେ ପଶି ମହିଳାଙ୍କୁ ଅସଦାଚରଣ କରିଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୨୭୩/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଅଭିଯୁକ୍ତ ଜଣକ ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ମାରି ବାନ୍ଧି ଏପରି କରିଥିବା ଅଭିଯୋଗରେ ମହିଳା ଦର୍ଶାଇଛନ୍ତି। ସମ୍ପୃକ୍ତ ମହିଳାଙ୍କୁ ପୂର୍ବରୁ ଏକ ନୂଆ ମୋବାଇଲ ଫାଇନାନ୍ସ ଜରିଆରେ ଅଭିଯୁକ୍ତ ଦେଇଥିଲେ। ମୋବାଇଲ କିସ୍ତି ଟଙ୍କା ଦେବା ଘଟଣାକୁ ନେଇ ମଙ୍ଗଳବାର ପାଟିତୁଣ୍ଡ ହୋଇଥିଲା ବୋଲି ପୋଲିସ ତଦନ୍ତରେ ଜଣାପଡ଼ିଛି। ରିପୋର୍ଟ ଲେଖା ହେବା ସୁଦ୍ଧା କାହାକୁ ଗିରଫ କରାଯାଇନାହିଁ।

# ସଚେତନତା ହିଁ ଦୁର୍ନୀତି ରୂପକ ବ୍ୟାଧିକୁ ଦମନ କରିବ

ରଘୁନାଥପୁର,୩୦।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

## ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ


ଦୁର୍ନୀତି ନିବାରଣ ସପ୍ତହ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ଅପରାହ୍ନରେ ବ୍ଲକ ଏବିଡିଓ ଜ୍ଞାନଦା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ବୈଠକରେ ଭିଜିଲାନ୍ସ ବିଭାଗ ଡିଏସ୍‌ପି ଅନୁପମା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦୁର୍ନୀତି ସମାଜ ପାଇଁ ଏକ ବ୍ୟାଧି ଏବଂ ସାଧାରଣ ଜନତା ସଚେତନ ହେଲେ ଏହି ଦୁର୍ନୀତି ରୂପକ ବ୍ୟାଧିକୁ ଦମନ କରିହେବ ବୋଲି ଡିଏସ୍‌ପି ସାହୁ ମତବ୍ୟକ୍ତ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଆଇଆଇସି ସିଦ୍ଧାର୍ଥ କୁମାର ରାଉତ ଦୁର୍ନୀତିର ସଂଜ୍ଞା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାହାକୁ ଲାଞ୍ଚ ଦେଇ କାମ କରିବା କିମ୍ବା କାହାଠୁ ଲାଞ୍ଚ ନେଇ କାର୍ଯ୍ୟ କରିଦେବା ଆଇନତ ଅପରାଧ । ଜଣେ ସଚେତନ ନାଗରିକ ଭାବେ ଆମେ ଏଭଳି କାର୍ଯ୍ୟଠାରୁ ଦୂରେଇ ରହିବା ଆବଶ୍ୟକ। ଯଦି କେହି ଲାଞ୍ଚ ନ ନେଲେ କାର୍ଯ୍ୟ କରୁନାହାନ୍ତି କିମ୍ବା କୌଣସି ଉନ୍ନୟନମୂଳକ କାର୍ଯ୍ୟରେ ଖିଲାପ କରୁଛନ୍ତି ତାହା ହେଲେ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିବାକୁ ଆଇଆଇସି ରାଉତ ଅନୁରୋଧ କରିଥିଲେ। ଏହାଛଡ଼ା ଦେୟମୁକ୍ତ ନଂ. ୧୦୬୪କୁ କଲ୍ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସଚୋଟପଣିଆ ଓ ମାନବିକତାକୁ ହଜାଇ ନ ଦେବା ପାଇଁ ଏବିଡିଓ ନାୟକ ଆହ୍ୱାନ କରିଥିଲେ। ଆକାଉଣ୍ଟ ଅଫିସର ବୈରାଗୀ ଚରଣ ସେଠୀ, ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ, ସମିତି ସଭ୍ୟା ସାଗରିକା ତରାଇ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୈଠକର ବିଷୟବସ୍ତୁ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସଂବୃଦ୍ଧିର ଭିତ୍ତି ଉପରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଉପସ୍ଥିତ ମହିଳାପୁରୁଷଙ୍କୁ ନେଇ ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଏକ ସଂକଳ୍ପ କରାଯାଇଥିଲା।

# ସାତଭାୟାରେ ୩୦ରୁ ଅଧିକ ଷଣ୍ଢ, ଗାଈ, ବାଛୁରୀ ମୃତ

ରାଜନଗର, ୩୦।୧୦(ଭାସ୍କର ରାଉତରାୟ)

ବାତ୍ୟା ଦାନା ରାଜନଗର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟା ହବାଲିଖଟି ନିକଟରେ ସ୍ଥଳଭାଗ ଛୁଇଁଥିଲା। ବାତ୍ୟା ସମୟରେ ପବନ ଓ ବର୍ଷା ସହ ସମୁଦ୍ରରେ ୨ ମିଟର ଉଚ୍ଚର ଜୁଆର ଆସିଥିଲା। ବାତ୍ୟା କେବଳ ହବାଲିଖଟିରେ ନୁହେଁ, ସାତଭାୟାର ପୁରୁଣା ଜନବସତିରେ ପ୍ରଳୟ ରଚିଛି। କ୍ୟାପଟେନ ଶର୍ମା ଘେରି ନିକଟରୁ ବରାହୀପୁର ଯାଏଁ ସବୁଠି ଷଣ୍ଢ, ବାଛୁରୀ ଓ ଗାଈଙ୍କର ମୃତଦେହ ପଡ଼ିଛି। କ୍ୟାପଟେନ ଶର୍ମା ଓ ରବୀନ୍ଦ୍ର କୁମାର ତ୍ରିପାଠୀଙ୍କ ଘେରି ନିକଟରେ ୩ଟି ଷଣ୍ଢ ମରି ପଡ଼ିଥିବା ବେଳେ ବରାହୀପୁର ନିକଟରେ ୩୦ରୁ ଅଧିକ ଷଣ୍ଢ, ଗାଈ, ବାଛୁରୀଙ୍କ ମୃତଦେହ ପଡ଼ିଛି। ଏହି ମୃତଦେହ ଦୀର୍ଘ ୫ଦିନ ହେଲା ପଡ଼ି ରହିଥିବାରୁ ପରିବେଶ ପୂତିଗନ୍ଧମୟ ହୋଇପଡ଼ିଛି। ବାତ୍ୟା ଓ ସମୁଦ୍ର ଜୁଆରରେ କୌଣସି ଜୀବଜନ୍ତୁ ମରି ନ ଥିବା ନେଇ ବନ ବିଭାଗ ସୂଚନା ଦେଉଛି। ମାତ୍ର ସମୁଦ୍ର କୂଳେ କୂଳେ ଓ ଅଭୟାରଣ୍ୟ ମଧ୍ୟରେ ୩୦ରୁ ଅଧିକ ଷଣ୍ଢ, ଗାଈ ଓ ବାଛୁରୀଙ୍କ ମୃତଦେହ ପଡ଼ିଥିବା ନେଇ ବନ ବିଭାଗ କାହିଁକି ଏଯାଏ ସୂଚନା ଦେଇନି, ତାହାକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ମୁତାବକ, ସମୁଦ୍ର ଜୁଆର ସାତଭାୟାକୁ ଆସି ବନ୍ଧକୁ ବୁଡ଼ାଇ ବାଉଁଶଗଡ଼ ଯାଏ ଜୁଆର ପାଣି ମାଡ଼ି ଆସିଥିଲା। ଜୁଆର ପାଣି ମାଡ଼ି ଆସିବା ଯୋଗୁ ସାତଭାୟା ନିକଟରେ ରହିଥିବା ଷଣ୍ଢ, ଗୋରୁ ଭାସି ଯାଇ ମୃତ୍ୟୁ ଘଟିଛି। ଯଦି ଏତେ ସଂଖ୍ୟାରେ ଗୋରୁ ମରିଛନ୍ତି, ତେବେ କୌଣସି ବନ୍ୟଜନ୍ତୁ ମରି ନ ଥିବା ଖବରକୁ ନେଇ ପ୍ରଶ୍ନ ଉଠିଛି। ସାତଭାୟାର କମଳାକାନ୍ତ ସ୍ୱାଇଁଙ୍କ କହିବା କଥା ହେଲା, ନଦୀ ସେପଟେ ଆମ ଜମି ଅଛି। ଜମିର ଫସଲ ଦେଖିବାକୁ ଯାଇଥିଲି। ରବି ତ୍ରିପାଠୀ ଘେରିଠାରୁ ବରାହୀପୁର ମଧ୍ୟରେ ପ୍ରାୟ ୩୦ ଷଣ୍ଢ, ଗାଈ ଓ ବାଛୁରୀ ମରି ପଡ଼ିଥିବା ଦେଖିଥିଲି।

# କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ଭୂମିପୂଜନ

ପାରାଦୀପ, ୩୦।୧୦(ଶରତ ରାଉତ)

ପାରାଦୀପର ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ବୁଧବାର ଭୂମି ପୂଜନ କରାଯାଇଛି। ବତିଘର ପାଖ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଏହି ପୂଜା କାର୍ଯ୍ୟରେ ଅତିରିକ୍ତ ଜିଲାପାଳ ତଥା ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରା କର୍ତ୍ତା ଭାବେ ବସିଥିଲେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ କେତେକ ସଦସ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ ନଭେମ୍ବର ୧୪ରୁ ୨୧ ପର୍ଯ୍ୟନ୍ତ ୮ ଦିନ ଧରି ବାଲିଯାତ୍ରା ମହୋତ୍ସବ ହେବ ବୋଲି ସୂଚନା ମିଳିଛି।


ଭୂମିପୂଜାରେ ଯୋଗଦେଇଥିବା ଅତିଥିମାନେ।

# ନଭେମ୍ବର ୧୧ରୁ ଗଣସତ୍ୟାଗ୍ରହ ଚେତାବନୀ

ରଘୁନାଥପୁର,୩୦।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

## ରେଢୁଆ ବିସି ମହାବିଦ୍ୟାଳୟ

## ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବି

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏ ସମ୍ପର୍କରେ ବାରମ୍ବାର ଜିଲାପାଳ ଓ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ଅକ୍ଟୋବର ଶେଷ ସୁଧା ମହାବିଦ୍ୟାଳୟରେ ଯୁକ୍ତ ୩ ଶିକ୍ଷାଦାନ ବ୍ୟବସ୍ଥା କରା ନ ଗଲେ ବୁଦ୍ଧିଜୀବୀ, ଅଭିଭାବକ, ଛାତ୍ରୀଛାତ୍ର ଓ ସାଧାରଣ ଜନତା ନଭେମ୍ବର ୧୧ରୁ ଗଣସତ୍ୟାଗ୍ରହ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୁନର୍ବାର ଜିଲାପାଳ ଓ ଉଚ୍ଚଶିକ୍ଷା ବିଭାଗର ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଦୀର୍ଘ ୩୮ବର୍ଷ ତଳେ ଉଚ୍ଚଶିକ୍ଷାର ଆବଶ୍ୟକତାକୁ ଅନୁଭବ କରି ଅଞ୍ଚଳବାସୀଙ୍କ ଚେଷ୍ଟାରେ ଏହି ମହାବିଦ୍ୟାଳୟଟି ଗଢ଼ି ଉଠିଥିଲା। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକ୍ରମେ ୨୦୨୨ ନଭେମ୍ବରରେ ତତ୍କାଳୀନ ଜିଲାପାଳ ଏଠାରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ପତ୍ର ସଂଖ୍ୟା ନଂ. ୧୬୨୩୦ରେ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଇଥିଲେ। ୨୦୨୩ ଜୁଲାଇରେ ଆଞ୍ଚଳିକ ନିର୍ଦ୍ଦେଶାଳୟ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଏହି ମହାବିଦ୍ୟାଳୟ ଗସ୍ତରେ ଆସି ଆନୁଷଙ୍ଗିକ ଭିତ୍ତିଭୂମି ବୁଲି ଦେଖିଥିଲେ। ଏହାସତ୍ତ୍ୱେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ସରକାରୀ ମଞ୍ଜୁରୀ ନ ପାଇବା କ୍ଷୋଭର ବିଷୟ ବୋଲି ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ କହିଛନ୍ତି। ବିରିଡି, ତିର୍ତ୍ତୋଲ, ଜଗତ୍‌ସିଂହପୁର ଓ ରଘୁନାଥପୁର ବ୍ଲକର ମଧ୍ୟସ୍ଥଳରେ ମହାବିଦ୍ୟାଳୟଟି ଥିବାରୁ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲାଯିବା ଅତ୍ୟନ୍ତ ଜରୁରୀ ବୋଲି ଅଧ୍ୟାପକ ଭଗବାନ ବିଶ୍ୱାଳ ଏବଂ ସାମାଜିକ କର୍ମୀ ମାଳତି ମହାରଣା ପ୍ରକାଶ କରିଛନ୍ତି। ଏହି ଶ୍ରେଣୀ ଖୋଲିବାକୁ ସରକାରୀ ସ୍ତରରେ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବ ବୋଲି ସ୍ନେହାଂଶୁ ଜେନା, ଦେବୀ ପ୍ରସାଦ ମହାରଣା, ରମେଶ ଚନ୍ଦ୍ର ନାୟକ, ସଦାଶିବ ବିଶ୍ୱାଳ, ବିଶ୍ୱନାଥ ବାରିକ, ବିଜନ ମହାପାତ୍ରଙ୍କ ସହ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ପୁରୁଷୋତ୍ତମପୁର,୩୦।୧୦(ସିମାଞ୍ଚଳ ମିଶ୍ର): ପୁରୁଷୋତ୍ତମପୁରରେ ନୂତନ ତହସିଲଦାର ଭାବେ ବିନୋଦ କୁମାର ବେହେରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଥିଲେ। ତହସିଲଦାର ଦାୟିତ୍ୱ ଗ୍ରହଣ ପରେ ସେ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଯେପରି ସମସ୍ତ ପ୍ରକାର ରାଜସ୍ୱ ସମ୍ବନ୍ଧୀୟ ସେବା ପହଞ୍ଚି ପାରିବ ଓ ଛାତ୍ରୀଛାତ୍ରମାନେ ଯେପରି ସମସ୍ତ ପ୍ରମାଣପତ୍ର ଶୀଘ୍ର ପାଇପାରିବେ ସେ ନେଇ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

### ମନୋଜ ଏମ୍‌ପିଙ୍କ ଖଜୁରିପଡ଼ା ବ୍ଲକ ପ୍ରତିନିଧି ନିଯୁକ୍ତ

ଖଜୁରିପଡ଼ା,୩୦।୧୦(ବିଦୁର ବେହେରା): କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଖଜୁରିପଡ଼ା ବ୍ଲକ ପ୍ରତିନିଧି ଭାବେ ଜିଲା ଭାଜପା ସାଧାରଣ ସମ୍ପାଦକ ମନୋଜ କୁମାର ପଣ୍ଡାଙ୍କୁ ନିଯୁକ୍ତ କରାଯାଇଛି । ଏ ସମ୍ପର୍କରେ ଏମ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଆଗାମୀ ଦିନରେ ଏମ୍‌ପି ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବା ସହ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବି ଏବଂ ଖଜୁରିପଡ଼ା ବ୍ଲକ ଅଞ୍ଚଳର ବିକାଶ ପାଇଁ ପ୍ରୟାସ ଜାରି ରଖିବି ବୋଲି ନୂଆ ଦାୟିତ୍ୱ ପାଇବା ପରେ ପଣ୍ଡା କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ପାଣିଗ୍ରାହୀ, ଜିଲା ସଭାପତି ଜଗନ୍ନାଥ ସାହୁଙ୍କ ସମେତ ସମସ୍ତ ପଦାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲା ସଭାପତିଙ୍କ ସମେତ ଖଜୁରିପଡ଼ା ଅଞ୍ଚଳର ସମସ୍ତ ନେତୃବୃନ୍ଦ ଓ କର୍ମୀ ମନୋଜଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ୮ ପଞ୍ଚାୟତରେ ବିଜେଡିର ପଦଯାତ୍ରା

ଶେରଗଡ,୩୦।୧୦
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହୁପଦର ପଞ୍ଚାୟତର ଢିଙ୍କିଶାଳଠାରେ କର୍ମୀ ଓ ନେତା ଏକଜୁଟ ହେବା ପରେ ପଦଯାତ୍ରା ବାହାରିଥିଲା। ଶତାଧିକ କର୍ମୀ ଓ ନେତା ଖମାର, ମହୁପଦର, କୁଲାଗଡ, ଖିରିଡା, ବନ୍ଧାଗୁଡା, ବରମୁଣ୍ଡଲୀ କରଡାକଣା ପରିକ୍ରମା କରି କୁମାରପାଣି ପଞ୍ଚାୟତରେ ପଦଯାତ୍ରା ଶେଷ କରିଥିଲେ। ପ୍ରତି ପଞ୍ଚାୟତରେ ପଥପ୍ରାନ୍ତ ସଭା କରିବା ସହ ବିଜେଡି ନେତାମାନେ ଭାଜପା ସରକାରକୁ କଡା ସମାଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ଦିଗାମ୍ବର ନାୟକ, ବରିଷ୍ଠନେତା ହୀନ ବେହେରା, ବରୁଣ ପଲେଇ, କାହ୍ନୁଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିଏସ୍‌ଏନଏଲ ସେବା ବ୍ୟାହତ

ରାମଗିରି,୩୦।୧୦(ବୃନ୍ଦାବନ ଗୌଡ଼): ଆର୍.ଉଦୟଗିରି ବ୍ଲକ ରାମଗିରିଠାରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ ସମସ୍ୟା ଲାଗିରହୁଛି। ଏଥିଯୋଗୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟ ଠପ୍ ହୋଇପଡୁଛି। ରାମଗିରି ଅଞ୍ଚଳର ଦୁର୍ଗମ ଗ୍ରାମ ଗୁଡିକର ଜନସାଧାରଣ କେବଳ ବିଏସଏନଏଲ ନେଟୱର୍କରେ ବିଭିନ୍ନ ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ କାର୍ଯ୍ୟ ହେଉଥିବା ବେଳେ ଏବେ ସମସ୍ୟା ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାର୍ଥୀମାନେ ଅନଲାଇନରେ ଆବେଦନ କରିବା, ପାଠ ପଢିବା, ବିଭିନ୍ନ ପାଠ୍ୟକ୍ରମ ପାଇଁ ଅନଲାଇନରେ ପଞ୍ଜିକରଣ କରିବା, ଏପରିକି ମୋବାଇଲ ବ୍ୟାଙ୍କିଙ୍ଗ ଯୋଗେ ଆର୍ଥିକ କାରବାର କରିବା ଆଦି କରି ହେଉନି। ଏ ନେଇ କାର୍ଯ୍ୟରତ କର୍ମଚାରୀଙ୍କୁ ପଚାରିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି।

# କ୍ଷୁଦ୍ରଦାନା ଶସ୍ୟ ବିହନ ଉତ୍ପାଦନରେ ଦାରିଙ୍ଗବାଡ଼ି ହେବ ହବ୍

- ଭ୍ରମରବାଡ଼ିରେ ପରୀକ୍ଷାମୂଳକ ଭାବେ ଲାଗିଛି ବାଲିଗୁଡା କୁଏରୀ
- କ୍ଷେତ୍ର ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ

ଦାରିଙ୍ଗବାଡ଼ି,୩୦।୧୦(ଅରୁଣ ସାହୁ)
ପୁରାତନ ପାରମ୍ପରିକ ଓ ଜୈବିକ ପଦ୍ଧତିରେ ଚାଷ ହୋଇ ଅମଳ ହୋଇଥିବା ଖାଦ୍ୟ ଗ୍ରହଣ କଲେ ମଣିଷ ଦୀର୍ଘାୟୁ ହୁଏ। ଲୋକଙ୍କୁ ପାରମ୍ପରିକ ଚାଷ କରିବା ଓ ସେଥିରେ ରାସାୟନିକ ବଦଳରେ ଜୈବିକ ସାର ପ୍ରୟୋଗ କରିବାକୁ ଗ୍ରାମାଞ୍ଚଳରେ ତାଲିମ ପ୍ରଦାନ କରାଯାଉଛି। ଫଳରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳ ଏବେ କ୍ଷୁଦ୍ରଦାନା ଶସ୍ୟ ଉତ୍ପାଦନ ଓ ବିହନ ଉତ୍ପାଦନର ହବ୍ ହେବାକୁ ଯାଉଛି। ବ୍ଲକର ଭ୍ରମରବାଡ଼ି ପଞ୍ଚାୟତ ଅଞ୍ଚଳରେ କ୍ଷୁଦ୍ରଦାନା ଶସ୍ୟର ଗୁଣାତ୍ମକ ବିହନ ଉତ୍ପାଦନ କରିବା ପାଇଁ ବଡ଼ ପଦକ୍ଷେପ ନିଆଯାଇଥିଲା। ଏହାର ସୁଫଳ ଏବେ ମିଳିବାକୁ ଯାଉଛି। ଏହି ବିହନ ଉତ୍ପାଦନ କ୍ଷେତ୍ରକୁ ବୁଧବାର ଜିଲା ପ୍ରଶାସନର ଶ୍ରୀଅନ୍ନ


ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ସବିତା ସୁବୁଦ୍ଧି, ଗୋଷ୍ଠୀ ସହକାରୀ କୃଷି ଅଧିକାରୀ ଅସଲେଶା ରଥଙ୍କ ସହ ଜାଗୃତି ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଦେବାନନ୍ଦ ଦାସ, ଧ୍ରୁବ ଚରଣ ନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ପରିଦର୍ଶନ କରିଥିଲେ। ଭ୍ରମରବାଡ଼ି ପଞ୍ଚାୟତ ଅଞ୍ଚଳରେ କ୍ଷୁଦ୍ରଦାନା ଶସ୍ୟର ଗୁଣାତ୍ମକ ବିହନ ଉତ୍ପାଦନ ଲାଗି ୨୦୨୩/୨୪ ଆର୍ଥିକ ବର୍ଷରେ ପରୀକ୍ଷାମୂଳକ ଭାବେ ଅଢେଇ ହେକ୍ଟର ଜମିରେ ବାଲିଗୁଡା କୁଏରୀ ବିହନ ଅଗଷ୍ଟ ୫ରେ ରୋପଣ କରାଯାଇଥିଲା। ସ୍ୱଳ୍ପ ବର୍ଷାରେ ମଧ୍ୟ ଉକ୍ତ ବିହନ କୁଏରୀ ଗଛ ହୃଷ୍ଟପୁଷ୍ଟ ଓ ଅଧିକା ଅମଳ ଦେବାକୁ ଯାଉଛି। ଚାଷୀ ସୁଧାଂଶୁ ପ୍ରଧାନ ଏବଂ ଗ୍ରେଓଡ଼ି ଗ୍ରାମର କୁଳମନ ପ୍ରଧାନଙ୍କ କ୍ଷେତରେ ପରୀକ୍ଷାମୂଳକ ଭାବେ ବିହନ ଉତ୍ପାଦନ କରାଯାଉଛି। ଯାହା ଅମଳ ହେବ ଉକ୍ତ ବିହନକୁ ପୁଣି ୧୦ ଜଣ ଚାଷୀଙ୍କ କ୍ଷେତରେ ବିହନ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଭଳି ପ୍ରକ୍ରିୟାରେ ବିହନର ଅଭାବକୁ ଦୂର କରାଯାଇପାରିବ।

# ବିଡିଓଙ୍କୁ ଦାବିପତ୍ର ଦେଲେ ଏସ୍‌ଏଚ୍‌ଜି ସଦସ୍ୟା

ଧରାକୋଟ,୩୦।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଧରାକୋଟ ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ପଞ୍ଚାୟତର କାର୍ଯ୍ୟରତ ୮୦ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମଧ୍ୟରୁ କେତୋଟି ଗ୍ରୁପର ସଦସ୍ୟା ସେମାନଙ୍କ ଅଞ୍ଚଳରେ କାର୍ଯ୍ୟରତ ଏମବିକେ ଓ ବିଏଲସି ପ୍ରତାପ ସ୍ୱାଇଁଙ୍କ ବିରୋଧରେ ବୁଧବାର ଆର୍ଥିକ ଅନିୟମିତତା ସହ ଅନ୍ୟାନ୍ୟ ଅଭିଯୋଗ ସମ୍ପର୍କିତ ଏକ ଦାବିପତ୍ର ବିଡିଓ ଡେନିସ ବେହେରାଙ୍କୁ ପ୍ରଦାନ କରିଛନ୍ତି। ସିଆରପିମାନଙ୍କ ମଡେଲ ଟ୍ରେନିଂ ପ୍ରାପ୍ୟକୁ ଠିକ ରୂପେ ପ୍ରଦାନ ନ କରିବା, ପଞ୍ଚାୟତସ୍ତରୀୟ ଜିପିଏଲ୍‌ଏଫ ବୈଠକ ନ ଡାକିବା, ଜିପିଏଲଏଫ୍‌ରେ ଆସୁଥିବା ମାସିକ ଟଙ୍କାର ହିସାବ ନ ଦେବା, ସିଆରପିମାନଙ୍କ ତିନିବର୍ଷର ୟୁନିଫର୍ମ ଟଙ୍କା ପ୍ରଦାନ ନ କରିବା ସହ ଉଭୟଙ୍କ ନାମରେ ଅନ୍ୟାନ୍ୟ ଅଭିଯୋଗ ଉଲ୍ଲେଖ କରି ଏସବୁ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଏଚଜି ସଦସ୍ୟାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏସ୍‌ଏଚଜିର ଅଭିଯୋଗ ପତ୍ର ପାଇଛି। ଏହାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଏଲସି ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଓଜିପିଏଲ୍‌ଏଫରେ ଆର୍ଥିକ ଦେଣନେଣ ଆକାଉଣ୍ଟ ମାଧ୍ୟମରେ ହେଉଥିବାରୁ କୌଣସି ଆର୍ଥିକ ଅନିୟମିତତାର ପ୍ରଶ୍ନ ଉଠୁନାହିଁ। ଯଦି ଏହା ଅଧୀନରେ କାର୍ଯ୍ୟରତ ମା'ମାନଙ୍କର କିଛି ଅସୁବିଧା ରହିଛି କାର୍ଯ୍ୟାଳୟକୁ ଆସି ବୁଝି ନେବାକୁ ସେ ପ୍ରକାଶ କରିଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ଆସିକା,୩୦।୧୦(ସୁରେନ୍ଦ୍ର ନାଥ ସାହୁ):
ଆସିକାସ୍ଥିତ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ବୁଧବାର ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ତତ୍ତ୍ୱାବଧାନରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ଅନୁଷ୍ଠିତ ରାଲି ମହାବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଦୁର୍ନୀତି ମୁକ୍ତ ହେବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ଛାତ୍ରୀମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ଲକ୍ଷ୍ମଣ କୁମାର ସୋରେନ, ଡ. ଜୟପ୍ରକାଶ ମହାପାତ୍ର, ଡ. ସରୋଜ ଜେନା, ଡ. ଓମ ନାରାୟଣ ରାଓ, ଡ. ଲିଲା ଲିଲିୟନ ପ୍ରମୁଖ ସାମିଲ ଥିଲେ । ସେହିଭଳି ମଙ୍ଗଳବାର ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ କୃଷକ ଭବନ ଠାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଥିଲା । ଚିନିଶିଳ୍ପ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିନିଶିଳ୍ପର କାର୍ଯ୍ୟନିର୍ବାହୀ ସଂପାଦକ ଚିନ୍ମୟ ରଞ୍ଜନ ନାୟକ, ଚିନିଶିଳ୍ପ ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ବରାଡ, ବସନ୍ତ ଦଲାଇ, ନିରନ ପ୍ରଧାନଙ୍କ ସମେତ ପରିଚାଳନା ପରିଷଦର ବହୁ ସଦସ୍ୟ ଯୋଗଦେଇଥିଲେ।

# ପୁଷ୍ଟିହୀନତା ଦୂର କରିବ ପାରମ୍ପରିକ ଖାଦ୍ୟ

ଫୁଲବାଣୀ, ୩୦।୧୦(ରାକେଶ କୁମାର ରାଉତ)
ପୁଷ୍ଟି ହୀନତା ଦୂର କରିବାକୁ ଜନ ସଚେତନତା ପାଇଁ ଚେଷ୍ଟା ଜାରି ରହିଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲାରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକାରୀ ହେଉଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଟିକାବାଲି ଓ ରାଇକିଆରେ ଦିନିକିଆ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। କଇଁଝର ସରପଞ୍ଚ ରୁନିତା କହଁର, ଇନ୍ଦ୍ରଗଡ ସରପଞ୍ଚ ବନିତା ମଲ୍ଲିକ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ୍ କୃଷି ଅଧିକାରୀ ସଚିନ୍ଦ୍ର କୁମାର ସେଠୀ ଓ ସନ୍ତୋଷ କୁମାର ଦଳବେହେରା ଯୋଗଦେଇ ପାରମ୍ପରିକ ଖାଦ୍ୟର ଗୁରୁତ୍ୱ ଏବଂ ଉପକାରିତା ବିଷୟରେ ଉପସ୍ଥିତ ହିତାଧିକାରୀଙ୍କୁ ବୁଝାଇଥିଲେ। ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶଙ୍କରେଶ୍ୱର ବେହେରା ଓ ନରେନ୍ଦ୍ର କୁମାର ପାଣିଗ୍ରାହୀ, ସହ କୃଷି


ପ୍ରଦର୍ଶିତ ହୋଇଥିବା ପାରମ୍ପରିକ ଖାଦ୍ୟ ।

ଅଧିକାରୀ ଶୁଭସ୍ମିତା ସାହୁ, ଉଦ୍ୟାନ ବିଭାଗ ଅଧିକାରୀ ରାଜେଶ ବିଶ୍ୱାଳ, ସ୍ୱାସ୍ଥ୍ୟ ଅଧିକାରୀ ରଶ୍ମିତା ନାୟକ ଯୋଗଦେଇ ପ୍ରଦର୍ଶିତ ପାରମ୍ପରିକ ଖାଦ୍ୟକୁ ପରଖି, ତାର ଗୁଣବତା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ଦ୍ୱାରା ମାଣ୍ଡିଆ, କୁଏରି ଆଦିରେ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ଗିରିଶ ଚନ୍ଦ୍ର ସାମଲ ଓ ସ୍ୱଧର୍ମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁଶ ସାନସେଠ, ରାଧାମାଧବ ପଣ୍ଡା, ବିଶ୍ୱକେଶ୍ୱର ପାତ୍ର, ଗଙ୍ଗାଧର ନାୟକ, ବିନ୍ଦୁମା କହଁର, ଅନ୍ନପୂର୍ଣ୍ଣା ପ୍ରଧାନ, ହୃଶିକେଷ ଅମାୟତ, ପଞ୍ଚାନନ ଦଳବେହେରା, କୃତିବାସ ପ୍ରଧାନ, ରାଜୁ ମଲ୍ଲିକ, ଇନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବାଣ ବିସ୍ଫୋରଣରେ ଯୁବକ ଗୁରୁତର

ଆସିକା ୩୦।୧୦ (ସୁରେନ୍ଦ୍ର ନାଥ ସାହୁ)
ଆସିକା ଥାନା ଅନ୍ତର୍ଗତ ନଳବନ୍ତା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ବାଣ ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବାବୁଲି ନାହାକ (୩୫)। ବାବୁଲିଙ୍କ ଡାହାଣ ହାତ ପାପୁଲିରେ ଶକ୍ତ ଆଘାତ ଲାଗିଛି । ଚିକିତ୍ସା ଲାଗି ତାଙ୍କୁ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି । କେଉଁ ପରିସ୍ଥିତିରେ ଏଭଳି ବିସ୍ଫୋରଣ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ । ତେବେ ବାଣ ଭିଡୁଥିଲା ବେଳେ ବିସ୍ଫୋରଣ ଘଟିଥିବା କେହି କହୁଥିବା ବେଳେ ଜଣେ ଗ୍ରାହକଙ୍କ ଲାଗି ବାଣ ଉଚ୍ଚ ଶବ୍ଦ ପରୀକ୍ଷା କରୁଥିବା ସମୟରେ ଏଭଳି ବିସ୍ଫୋରଣ ହୋଇଥିବା କେହି କହୁଛନ୍ତି। ଏ ସମ୍ପର୍କରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଯୁବକଙ୍କ ଘର କୋଦଳା, ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ । ନିଶାସକ୍ତ ଅବସ୍ଥାରେ ଏକ ବମ୍ ଫୁଟାଉଥିଲା ବେଳେ ଏଭଳି ବିସ୍ଫୋରଣ ଘଟିଛି। ଏହି ଘଟଣା ପରେ ପୋଲିସ ସଂପୃକ୍ତ ଗ୍ରାମକୁ ଯାଇ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ବୁଧବାର ମଧ୍ୟାହ୍ନରେ ଆସିକା ସହରର ପଲ୍ଲୀଛକଠାରେ ପୋଲିସ ଚଢାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି ।

# ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଆଲୋଚନାଚକ୍ର



ଭଞ୍ଜନଗର,୩୦।୧୦(ବାବୁଲା ପ୍ରଧାନ)
ଭଞ୍ଜନଗରସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀ ଛାତ୍ରଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ନୀଳାଚଳ ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଗରିକଙ୍କ ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଉପରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ପ୍ରାଧ୍ୟାପକ ବିଭୂତି ଭୂଷଣ ପାଣିଗ୍ରାହୀ, ଡ. ରବିନ୍ଦ୍ରନାଥ ପାଳ, ପ୍ରଶାସନିକ ଅଧିକାରୀ ବିଭାଶ ଦାସ, ବିତ୍ତ ଅଧିକାରୀ ଅଧ୍ୟାପକ ସୁନିଲ ଦାସ, ଅଧ୍ୟାପକ ଡ. ସୁନାମ ପାତ୍ର, ଦାମୋଦର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖବରଦାତାଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବି.କେ. ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ କମ୍ପିଲା ଦାରିଙ୍ଗବାଡି



ଦାରିଙ୍ଗବାଡି,୩୦।୧୦(ଅରୁଣ ସାହୁ)– କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ପଞ୍ଚାୟତ ପରିସରରେ ବୁଧବାର ପାରମ୍ପରିକ ଲୋକ କଳା ଦ୍ୱିତୀୟ ବର୍ଷ ମହୋତ୍ସବ ପାଳିତ ହୋଇଯାଇଛି। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ମହେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପାଣ୍ଡବ ନାୟକ ଅତିଥି ପରିଚୟ ଦେଇଥିଲେ। ଜିଲା କଳା ଓ ସଂସ୍କୃତି ବିଭାଗ ଅଧିକାରୀ ଅକ୍ଷୟ ସେଠୀ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ପୂର୍ବତନ ବିଡିଓ ଗଦାଧର ପାତ୍ର, ବଣିକ ସଂଘ ସଭାପତି ଲଡ୍ଡୁ କିଶୋର ସାହୁ, ସରପଞ୍ଚ ଚନ୍ଦ୍ରିକା ମଳିକ, ଲୋକକଳା ସଭାପତି ବିଜେନ୍ଦ୍ର ପ୍ରଧାନ, ଲୋକକଳା ମହାସଂଘ ସମ୍ପାଦକ କ୍ରଷ୍ଣା ଦିଗାଲ, ବରିଷ୍ଠ ନାଗରିକ ନାରଙ୍ଗ ପ୍ରଧାନ, ହେମଗିରି କଳା ପରିଷଦ ସମ୍ପାଦକ ପତିତପାବନ ରାଉତ, ଉପସଭାପତି ଶାରଦା ବଳିୟାରସିଂ, ନାଟ୍ୟ ନିର୍ଦ୍ଦେଶକ ମଣ୍ଟୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରେ ଜନଜାତି ସମ୍ପ୍ରଦାୟର କଳାକାରମାନେ ପାରମ୍ପରିକ ବାଦ୍ୟ ଯନ୍ତ୍ର ଧରି ସଙ୍ଗୀତ, ନୃତ୍ୟରେ ବଜାର ପରିକ୍ରମା କରିଥିଲେ। ଲୋକକଳାକୁ ବଞ୍ଚେଇବାକୁ ଏଭଳି କାର୍ଯ୍ୟକ୍ରମ ସର୍ବଦା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଦାରିଙ୍ଗିବାଡିର କଳା ସଂସ୍କୃତିକୁ ଆଗେଇ ନେବାରେ ବିଶେଷ ଅବଦାନ ପାଇଁ ଏହି ଅବସରରେ ପୂର୍ବତନ ବିଡିଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କଳା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବ୍ଲକ ଅଞ୍ଚଳର କେତେ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କଳାକାରମାନେ ପାରମ୍ପରିକ ବାଦ୍ୟ ସଙ୍ଗୀତ, ମହୁରୀ, ଢୋଲ, ଡେକା, ଚାଙ୍ଗୁ ବାଦ୍ୟରେ ନିଜ କଳା ପ୍ରଦର୍ଶନ କରିଥିଲେ।

# ଜୀବନଜ୍ୟୋତି ମହାବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ରାଇକିଆ,୩୦।୧୦
(ପ୍ରଦୀପ ବେହେରା):
ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟଠାରେ ମଙ୍ଗଳବାର ଜାତୀୟ ସେବା ଯୋଜନା ତରଫରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରମୋଦ କୁମାର ନାୟକ ଏବଂ ଅଧ୍ୟାପିକା ସସ୍ମିତା ଲୋହାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଭାକର ରାଜୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନାର ଜିଲା ଅଧିକାରୀ ତଥା କଳିଙ୍ଗ ମହାବିଦ୍ୟାଳୟ ଅଧ୍ୟାପକ ଡ. ନଳିନକାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଉମାକାନ୍ତ ରଥ, ବେଣୁପାଣି ମହାପାତ୍ର ଯୋଗ ଦେଇଥିଲେ। ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କ ପ୍ରଶିକ୍ଷଣ ଶିବିରରେ ନୂତନ ଭାବେ ଯୋଗଦାନ କରିଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ବନ୍ଧରେ କୁହାଯିବା ସହ ସହ ସମାଜସେବା ନିମନ୍ତେ ପ୍ରୋତ୍ସାହିତ କରାଯାଇଥିଲା। ଅଞ୍ଚଳ ବିକାଶରେ ସ୍ୱତନ୍ତ୍ର ଅବଦାନ ଏବଂ ସମାଜସେବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା , ଛାତ୍ର ଛାତ୍ରୀ ଏବଂ କର୍ମଚାରୀ ମାନେ ଭାଗ ନେଇଥିଲେ । ଅଧ୍ୟାପକ ପ୍ରମୋଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଲୋହାର ଧନ୍ୟବାଦ ଅର୍ପଣ କରିଥିଲେ ।



# ଶୋଭାଯାତ୍ରା, ପ୍ରତିଯୋଗିତାରେ ପାଳିତ ହେଲା ଦୁର୍ନୀତି ନିବାରଣ ସପ୍ତାହ

ଛତ୍ରପୁର,୩୦।୧୦
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ)
ଗଞ୍ଜାମ ଜିଲାରେ ଦୁର୍ନୀତି ନିବାରଣ ସପ୍ତାହ ଚଳିତ ମାସ ୨୮ରୁ ଆରମ୍ଭ ହୋଇଛି। ନଭେମ୍ବର ୩ ପର୍ଯ୍ୟନ୍ତ ଏହା ଚାଲିବ। ଏହି ଅବସରରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଭାଗୀୟ ଅଧିକାରୀ କ୍ରିଷ୍ଣା କୁମାରୀ ପ୍ରଧାନଙ୍କ ପରିଚାଳନାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଡେପୁଟି କଲେକ୍ଟର ରାଜେଶ ଇକ୍କା, ଆୟୁଷ ପତି, ସ୍ୱୟଂସିଦ୍ଧା ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଡ. ଭି. ରାଜେନ୍ଦ୍ର ରାଜୁ, ଅରୁଣ ଶତପଥୀ ଓ ସଂଗ୍ରାମ କେଶରୀ ନନ୍ଦ ବିଚାରକ ଭାବେ ଉପସ୍ଥିତ ଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ନଭେମ୍ବର ୧ରେ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀଙ୍କ ବିକ୍ଷୋଭ

ନୂଆଗଡ/ପାରଳାଖେମୁଣ୍ଡି,୩୦।୧୦
(ଯୋଗ୍ୟବନ୍ତ ପରିଛା/ଗିରିଧାରୀ ପରିଚ୍ଛା)
ନୂଆଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଥିବା ନୂଆଗଡ ଗ୍ରାମଠାରେ ସିପିଆଇ(ଏମ୍‌ଏଲ୍) ଲିବରେଶନ ଓ ଆଦିବାସୀ ସଂଘର୍ଷ ମୋର୍ଚ୍ଚା (ଏଏସ୍‌ଏମ୍) ତରଫରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଛି। ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ ବ୍ଲକର ବିଭିନ୍ନ ସମସ୍ୟା ଉପରେ କହିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ମୋନାଲିସା ଆଚାର୍ଯ୍ୟଙ୍କୁ ୨୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ଅନ୍ତରଡ଼ା ପଞ୍ଚାୟତ ଅଧୀନରେ ରହିଥିବା ଗୁଆର ଗାଁର ବସ୍ତି ଓ ମଶାଣି ଜମିକୁ ଚିହ୍ନଟ କରିବା, ତାବରଡା ଗାଁର ମଶାଣି ଜମି ଓ ୪୦ରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ପଟ୍ଟା ଜମି ଚିହ୍ନଟ କରିବା, ମାଣିକପୁରରେ


ସିପିଆଇ(ଏମ୍‌ଏଲ) ଲିବରେଶନ ଓ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଶୋଭାଯାତ୍ରା କରାଯାଉଛି।

ବେଆଇନ ଗ୍ରାନାଇଟ୍ ପଥର ଲିଜ୍ ବାତିଲ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମର ଦୁର୍ନୀତି ବନ୍ଦ କରିବା ସହ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ କରିବା, ଗରିବ ଏବଂ ବିପିଏଲ ପରିବାରକୁ ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହାୟତା ୫ ଲକ୍ଷ ଟଙ୍କା ବୃଦ୍ଧି ଓ ମକା କେଜି ୧୦୦ ଟଙ୍କା କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଗ୍ରାମ ସଭାକୁ ଅକାମୀ କରିଦେଉଥିବା ଚକ୍ରାନ୍ତକୁ ବନ୍ଦ କରିବା, ଜମି, ଜଙ୍ଗଲ ଜମିକୁ ଚିହ୍ନଟ କରିବା ପାଇଁ ଆରଆଇ ଓ ଅମିନଙ୍କୁ ମାସିକ ୧୫ ଦିନ ପାଇଁ ନିର୍ଦ୍ଦେଶ ଦେବା, ରାଶନ୍ କାର୍ଡଧାରୀଙ୍କୁ ୫୦ କେଜି ଚାଉଳ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ଚାଉଳ, ଗହମ, ମାଣ୍ଡିଆ ଆଦି ଯୋଗାଇବା, ଶୀତଳ ଭଣ୍ଡାର ଓ ଚାଷୀଙ୍କ ଜଳସେଚନ ପାଇଁ ଜଳ ପ୍ରକଳ୍ପ ନିର୍ମାଣ କରିବା, ବିଭିନ୍ନ ଗ୍ରାମକୁ ରାସ୍ତା ନିର୍ମାଣ ଆଦି ଦାବି ନେଇ ତହସିଲଦାର ଓ ବିଡିଓ ଲୋକନାଥ ଶବରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ବାହାରିଥିବା ରାଲିରେ ନରସିଂହ ମଣ୍ଡଳ, ୱାର୍ଡମେମ୍ବର ଏସମିନ ରଇତ, ପୂର୍ବତନ ସରପଞ୍ଚ ସୁକୁମାରି ଗମାଙ୍ଗ, ବୃନ୍ଦାବନ ବିଡିକା, ମାଥ୍ୟୁ ରଇତ, ସର୍ବଶ୍ରୀ ଗମାଙ୍ଗ, ସେମ ବଡରଇତ, ଜେମସ ରଇତ, ଯାକୁବ କାର୍ଯୀ, ସୁଦାମ ରଇତ, ରଇସାନ ରଇତ, ରମେଶ ରଇତ, ରାଜେନ୍ଦ୍ର ମାଝୀ, କୈଳାସ ଶବର, ଝିରମିୟ ରଇତ, କରୁଣାକର ଲିମାଙ୍କ ସହ ସିପିଏମ୍ ଲିବରେଶନର ଶତାଧିକ କର୍ମୀ ଯୋଗଦେଇଥିଲେ। ନରସିଂହ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବାତ୍ୟା ଖୋଲିଲା ଆବାସ ବଣ୍ଟନ ଗୁମର

**୧୪ ହଜାର ଲୋକ ବାତ୍ୟା ବେଳେ ଆଶ୍ରୟସ୍ଥଳରେ ମୁଣ୍ଡ ଗୁଞ୍ଜିଲେ**

**ପଟ୍ଟାମୁଣ୍ଡାଇ,୩୦।୧୦ (କଳ୍ପତରୁ ନାୟକ)**



ପଟ୍ଟାମୁଣ୍ଡାଇର ଏକ ଗାଁରେ ଥିବା କଚ୍ଚା ଘର।

ବାତ୍ୟା ଆସିଲେ ଉପକୂଳ ଓଡ଼ିଶାବାସୀଙ୍କ ଛାତି ଥରିଉଠେ। କାହାକୁ ବାସହରା କରିଦିଏ ତ କାହାର ଜୀବିକା ଛଡ଼ାଇନିଏ। ଆଉ ବିପର୍ଯ୍ୟୟ ଯିବା ପରେ କେନ୍ଦ୍ରପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରଭାବିତଙ୍କୁ ସରକାର ଆବାସ ଦେବାକୁ ଘୋଷଣା କରନ୍ତି। ଦୀର୍ଘବର୍ଷ ହେବ ଏଭଳି ନାଟକ ବାଜି ଚାଲି ଆସୁଥିଲେ ମଧ୍ୟ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ବାତ୍ୟା ବେଳେ ବିପନ୍ନମାନେ ବାରଓଳି ଶୁଣ୍ଢିପିଣ୍ଡା ହୋଇ ଆଶ୍ରୟସ୍ଥଳରେ ଆଶ୍ରା ନେଉଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସରକାରଙ୍କ ଆବାସ ବଣ୍ଟନ ଲକ୍ଷ୍ୟ ପୂରଣ ହୋଇନାହିଁ, ଯାହାର ଗୁମର ଖୋଲିଛି ବାତ୍ୟା ଦାନା। ବାତ୍ୟାର ପ୍ରଭାବରେ ପବନ ଓ ବର୍ଷା ଯୋଗୁ ଘର ଭାଙ୍ଗିଯିବାରୁ ଶହ ଶହ ପରିବାର ବାସହୀନ ହେବା ସହ କେତେ ଜଣଙ୍କ ଜୀବନହାନି ମଧ୍ୟ ଘଟିଛି। ଯାହାର ଉଦାହରଣ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁର ଶରତ ମଳିକଙ୍କ କଚ୍ଚାଘର ଘର ଭାଙ୍ଗିବା ସହିତ ସେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି, ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଗତ ଗୁରୁବାର ରାତିରେ ବାତ୍ୟା ଦାନା ଆସିବା ପୂର୍ବରୁ ପ୍ରଶାସନ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ ଯିବାକୁ କହିଥିଲେ। ଲୋକେ ଘର ଛାଡ଼ି ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବାବେଳେ ଅନେକ ଯିବାକୁ ପସନ୍ଦ କରି ନ ଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରୁ ପ୍ରାୟ ୧୪ ହଜାର କଚ୍ଚା ଘରେ ବସବାସ କରୁଥିବା ଲୋକ ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିଲେ। ଫଳରେ କେତେକ କଚ୍ଚାଘର ଭାଙ୍ଗି ବହୁ ପରିବାର ବାସହରା ହେବା ସହ ଆହତ ମଧ୍ୟ ହୋଇଛନ୍ତି। ରାଜ୍ୟ ସରକାର କଚ୍ଚା ଘରେ ରହୁଥିବା ଲୋକଙ୍କୁ ପକ୍କା ଘର ଦେବାକୁ କହୁଛନ୍ତି। ସରକାରୀ ସ୍ତରରେ ଘର ବଣ୍ଟାଯାଉଛି। ମାତ୍ର ଯୋଗ୍ୟ ହିତାଧିକାରୀଙ୍କ ଜାଗାରେ ଅଯୋଗ୍ୟ ଆବାସ ଗୃହକୁ ହାତେଇ ନେଉଛନ୍ତି। ଫଳରେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବାରୁ ବର୍ଷ ପରେ ବର୍ଷ ବିତିଗଲେ ବି ଏହି ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଗତ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ୨୦ ଲକ୍ଷ ଲୋକଙ୍କୁ ଘର ଯୋଗାଇ ଦିଆଯିବ। ହେଲେ ତାହା ହିତାଧିକାରୀଙ୍କ ପାଖରେ ପହଞ୍ଚିବ ନା ବାଟମାରଣା ହେବ ତାହା ସମୟ ହିଁ କହିବ। ବୁଦ୍ଧିଜୀବୀ ଭୀମସେନ ପରିଡ଼ା କହିଛନ୍ତି, ବାତ୍ୟା ଦାନା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରୁ ପ୍ରାୟ ୧୪ ହଜାର ଲୋକ ଭିଟାମାଟି ଛାଡ଼ି ଆଶ୍ରୟସ୍ଥଳରେ ରହିଥିଲେ। ଆଉ ବାତ୍ୟା ଛାଡ଼ିବା ପରେ ଏବେ ଘର ଭାଙ୍ଗି ଯାଇଥିବାରୁ ମୁଣ୍ଡ ଗୁଞ୍ଜିବାକୁ ସାହାରା ଖୋଜୁଛନ୍ତି। ଏହାରି ଭିତରେ ପ୍ରଭାବିତଙ୍କୁ ସରକାର ଆଶ୍ୱାସନା ଦେଉଛନ୍ତି। କ୍ଷତିଗ୍ରସ୍ତଙ୍କୁ ଘର ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ପ୍ରତ୍ୟେକ ବାତ୍ୟା ପରେ ଗରିବଙ୍କୁ ସରକାର ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ, ବନ୍ୟା, ବାତ୍ୟା ଆସିଲେ ଅସଲ ଚିତ୍ର ସାମନାକୁ ଆସେ। ଆଉ ଘର ଯୋଗାଇ ଦେବା କେମିତି ପ୍ରହସନରେ ପରିଣତ ହୁଏ ତାହା ଧରାପଡ଼ିଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗରିବଟିଏ ଆବାସ ପାଇଁ ଆବେଦନ କରେ। ମାତ୍ର ସରକାରୀବାବୁଙ୍କ ଚରମ ଅବହେଳା ପାଇଁ ଏମାନେ ଘର ପାଉନାହାନ୍ତି। କିଏ ପିଲାର କରିଛି ତ କାହାର ଅଧାକାନ୍ଥ ଉଠି ରହିଥିବାବେଳେ ଭଙ୍ଗା ଦଦରା ଘରେ ଲୋକେ ଜୀବନ ବିତାଉଛନ୍ତି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ୧୯୯୯ ମହାବାତ୍ୟାକୁ ଆଜି ୨୫ ପୂରିଲା। ମାତ୍ର ସେବେଠାରୁ ଏଭଳି ଚିତ୍ର ଲଗାତର ଭାବେ ସାମନାକୁ ଆସୁଛି। ସବୁଥର ପ୍ରଭାବିତଙ୍କୁ ଘର ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର କେତେକ ସ୍ଥାନୀୟ ଲୋକପ୍ରତିନିଧି ଓ ଅଧିକାରୀମାନଙ୍କ ମନମାନୀ ପାଇଁ ଟାର୍ଗେଟ ଏବେ ବି ଅପହଞ୍ଚ ହୋଇ ରହିଛି। ୨୪ବର୍ଷ ଧରି ବିଜେଡି ସରକାର ରହିଥିଲେ ବି ଗରିବଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କା ଘର ଖଣ୍ଡେ ମିଳିଲା ନାହିଁ। ଏ ଗରିବଙ୍କୁ ଆବାସ ଯୋଜନାରେ ପକ୍କା ଘର ମିଳିଥିଲେ ବାତ୍ୟାବେଳେ ଏମାନେ ଏମିତି ଦୁର୍ଦ୍ଦଶାର ସାମ୍ନା କରୁ ନ ଥାନ୍ତେ। ଏ ସମ୍ପର୍କରେ ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ବ୍ଲକରେ ପାଖାପଖି ୧୪ ହଜାର ଲୋକ ୧୦ଟି ସ୍ଥାୟୀ ଓ ୩୪ ଅସ୍ଥାୟୀ ଆଶ୍ରୟସ୍ଥଳରେ ରହିଥିଲେ। ସରକାରୀ ଟାର୍ଗେଟ ଅନୁଯାୟୀ ଘର ଯୋଗାଇ ଦିଆଯାଉଛି।

# ଚିନ୍ତାରେ ସାମୁଦ୍ରିକ ମତ୍ସ୍ୟଜୀବୀ

**ନଭେମ୍ବର ୧ରୁ କଇଁଛ କଟକଣା ଆରମ୍ଭ**

**ପାରାଦୀପ, ୩୦।୧୦(ଶରତ ରାଉତ)**



ପାରାଦୀପ ସମେତ ଦେଶର ପୂର୍ବ ଉପକୂଳରେ ଆସନ୍ତା ଶୁକ୍ରବାର (ନଭେମ୍ବର ୧)ଠାରୁ ମାଛଧରା ଉପରେ କଟକଣା ଲାଗୁ ହେବ। କାରଣ ସମୁଦ୍ରରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ ପ୍ରଜନନ ପାଇଁ ଏପରି କଟକଣା ଲାଗୁ ହେବ। ଏହା ମେ ୩୧ ତାରିଖ ପର୍ଯ୍ୟନ୍ତ ରହିବ। ଏହି ସମୟରେ ସମୁଦ୍ର ତଟଠାରୁ ୬ ନଟିକାଲ ମାଇଲ (୧୦.୮ କି.ମି.)ପର୍ଯ୍ୟନ୍ତ ଅଞ୍ଚଳରେ ମାଛଧରା ଉପରେ ବାରଣ କରାଯିବ। ଏଥିସହ ରଷିକୂଲ୍ୟା ମୁହାଣଠାରୁ ଆରମ୍ଭ କରି ଗହୀରମଥା ପର୍ଯ୍ୟନ୍ତ ସମସ୍ତ ନଦୀ ମୁହାଣ ଅଞ୍ଚଳରେ ମଧ୍ୟ କଟକଣା ଜାରି କରାଯିବ। ଏପରି କଟକଣା ଯୋଜନା ଅଧିକାଂଶ ମତ୍ସ୍ୟଜୀବୀ ପ୍ରତିବର୍ଷ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କୋଷ୍ଟଗାର୍ଡ, କଷ୍ଟମ୍ସ, ସିଆଇଏସ୍ଏଫ୍, ବନ ବିଭାଗ, ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ର କୂଳରେ ପଇଁତରା କରାଯିବ। ଯେକୌଣସି ମତ୍ସ୍ୟଜୀବୀ କଟକଣା ଅଞ୍ଚଳରେ ପ୍ରବେଶ କରିବେ ସେହି ବୋଟ୍‌କୁ ଜବତ କରାଯିବା ସହ ମତ୍ସ୍ୟଜୀବୀମାନଙ୍କୁ ଗିରଫ କରାଯିବ। ଏପରି କଟକଣାକୁ ନେଇ ପାରାଦୀପର ସାମୁଦ୍ରିକ ମତ୍ସ୍ୟଜୀବୀ ସୁବା ରାଓ କୁହନ୍ତି, ସମୁଦ୍ରରେ କେଉଁ ଅଞ୍ଚଳ କଟକଣା ଜାରି କରାଯାଇଛି ତାହା ଜଣେ ମତ୍ସ୍ୟଜୀବୀ ଜାଣିବା କଷ୍ଟକର। ମାଛ ଧରି ଫେରିବା ବେଳେ ପ୍ରତିକୂଳ ପାଗ ଯୋଗୁ ବୋଟ୍ ଚାଳକ ସ୍ରୋତର ଗତି ଅନୁସାରେ ବୋଟ୍ ନେଇଥାନ୍ତି। ବିଶେଷକରି ବରୁଣେଇ ମୁହାଣ ପାଖରେ ଆସିଲା ବେଳେ ବନ ବିଭାଗ ଆମକୁ ଅଟକାଇ ବୋଟ୍ ଜବତ କରିଥାନ୍ତି। ଏମିତି ଗତବର୍ଷ ପାରାଦୀପର ପ୍ରାୟ ୪୦ବୋଟ୍ ଓ ଡଙ୍ଗା ଗିରଫଦାରୀ ହୋଇଥିଲେ। କୌଣସି ମତ୍ସ୍ୟଜୀବୀ ଅଲିଭ୍ ରିଡ୍‌ଲେ କଇଁଛ ଧରନ୍ତି ନାହିଁ। ସେମାନଙ୍କ ସୁରକ୍ଷା ପାଇଁ ଆମେ ମଧ୍ୟ ଯତ୍ନବାନ ଅଛୁ। ସେହିପରି ବୋଟ୍ ଚାଳକ ସୁଦର୍ଶନ ବେହେରା କୁହନ୍ତି, ଆମକୁ ଏବେ ଅଧିକ ସତର୍କ ରହିବାକୁ ପଡ଼ିବ। ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କରଙ୍କୁ ପଚାରିବାରେ ଏହି କଟକଣା ବିଶ୍ୱ ସ୍ତରରେ କରାଯାଇଛି। ସମସ୍ତ ମତ୍ସ୍ୟଜୀବୀ ଓ ବୋଟ୍ ମାଲିକଙ୍କୁ ଚିଠି ଯୋଗେ ଅବଗତ କରାଇଛୁ। କଇଁଛ ବଂଶ ବଢ଼ିଲେ ମାଛ ବଂଶ ମଧ୍ୟ ବଢ଼ିବ। ସେଥିପାଇଁ କଟକଣା ଅଞ୍ଚଳରେ ମାଛ ନ ଧରିବା ପାଇଁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ସମୁଦ୍ରରେ କଇଁଛ ନଭେମ୍ବରରୁ ଉପକୂଳ ମୁହାଁ ହୋଇଥାନ୍ତି। କାରଣ ଏହି ସମୟରେ ତାଙ୍କର ଜୀବନଚକ୍ର ଆରମ୍ଭ ହୋଇଥାଏ। ଓଡ଼ିଶାର ଗହୀରମଥା ହେଉଛି କଇଁଛଙ୍କ ଅନ୍ତୁଡ଼ିଶାଳ। ଏହାବାଦ୍ ଅନ୍ୟ ଜାଗାରେ ମଧ୍ୟ କଇଁଛ ଅଣ୍ଡାଦାନ କରୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଏପରି କଟକଣା କରାଯାଉଛି।

# ୨ ଛେଳି ଟାଣିନେଲା କୁମ୍ଭୀର

**ମହାକାଳପଡ଼ା,୩୦।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ):**

କେନ୍ଦ୍ରାପଡ଼ା ଜିଲା ଉପକୂଳ ଅଞ୍ଚଳ ନଦୀ,ନାଳରେ କୁମ୍ଭୀର ସଂଖ୍ୟା ବଢ଼ି ଚାଲିଛି । ସେହି କୁମ୍ଭୀର ମଣିଷ ସମେତ ଛେଳି,ମେଣ୍ଢା ଆଦି ଗୃହପାଳିତ ପ୍ରାଣୀଙ୍କୁ ନଦୀ,ନାଳକୁ ଟାଣି ନେଉଛନ୍ତି । ବୁଧବାର ସକାଳେ ଗୋବରୀ ନଦୀ କୂଳ ବଗ ଗହଣ ଗ୍ରାମର ବସୁ ମଣ୍ଡଳ ଓ ନିର୍ମଳ ପରମାଣିକଙ୍କ ୨ ଛେଳିକୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଛି । ଗୋଟିଏ ଛେଳିକୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରିଛନ୍ତି । ଦୁଇ ସପ୍ତାହ ପୂର୍ବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଫିସ ନିକଟ ନାଳରୁ ଜଣେ ବଳଦ ଚରାଳିଙ୍କୁ କୁମ୍ଭୀର ଟାଣି ନେଇଥିଲା। ପରେ ନାଳରୁ ଶଙ୍କର ସାମନ୍ତ(୫୦)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଉପାନ୍ତ ଅଞ୍ଚଳରେ କୁମ୍ଭୀରମାନଙ୍କ ମୁଖ୍ୟ ଖାଦ୍ୟ ମାଛୁଆ କଙ୍କଡ଼ା ସଂଖ୍ୟା ହ୍ରାସ ପାଇବା ଯୋଗୁ କୁମ୍ଭୀରମାନେ ଜନବସତି ମୁହାଁ ହୋଇ ମଣିଷ ସହିତ ଗୃହପାଳିତ ପ୍ରାଣୀମାନଙ୍କୁ ଆକ୍ରମଣ କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଛେଳି ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଗୋବରୀ ନଦୀ କୂଳରେ ଛେଳି ଚାଷୀ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଶାନ୍ତ



@ ସତ୍ୟରଞ୍ଜନ



@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡାମରପୁର ଘାଟରୁ ମୃତ କୁମ୍ଭୀର ଜବତ

**ପଟ୍ଟାମୁଣ୍ଡାଇ,୩୦।୧୦(କଳ୍ପତରୁ ନାୟକ):**

କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ନିକଟସ୍ଥ ବ୍ରାହ୍ମଣୀ ନଦୀର ଡାମରପୁର ଘାଟ ନିକଟରୁ ଏକ ମୃତ କୁମ୍ଭୀର ଠାବ କରାଯାଇଛି । ବୁଧବାର ସକାଳେ ଏକ ୮ଫୁଟ ଲମ୍ବର ବଉଳା କୁମ୍ଭୀରର ମୃତ ଦେହ ଭାସୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ରାଜନଗର ବନପାଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ । ରେଞ୍ଜର ଚିତ୍ତରଞ୍ଜନ ବେଉରା ଓ ଫରେଷ୍ଟର ବିଜୟ ପାତ୍ର କୁମ୍ଭୀରଟି ଉଦ୍ଧାର କରି କୂଳକୁ ଆଣିଥିଲେ । ଏହି କୁମ୍ଭୀରର ଓଜନ ଦେଢ଼ କୁଇଣ୍ଟାଲରୁ ଅଧିକ ଅଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କୁମ୍ଭୀର ମୃତ ସମ୍ପର୍କରେ ଜଣାପଡିବ ବୋଲି ରାଜନଗର ଡିଏଫ୍ଓ ସୁଦର୍ଶନ ଗୋପିନାଥ ଯାଦବ କହିଛନ୍ତି ।



ଉଦ୍ଧାର ହୋଇଥିବା ମୃତ କୁମ୍ଭୀର।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ସୁକିନ୍ଦା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ବିଚାରପତି ଅଭିଜିତ ପଲାଇ ମାମଲାର ବିଚାରକରି ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୪ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ୨୦୨୩ ମାର୍ଚ୍ଚ ୩ରେ ୭ ବର୍ଷୀୟା ନାବାଳିକା ସ୍କୁଲରୁ ଫେରି ଘର ପାଖରେ ଖେଳୁଥିବାବେଳେ ତାଙ୍କ ପଡ଼ୋଶୀ ରବୀନ୍ଦ୍ର ମଲ୍ଲିକ(୫୦)ତାଙ୍କୁ ଚକଲେଟ ଦେବାକୁ କହି ଘରକୁ ଡାକି ବଳାତ୍କାର କରିଥିଲେ। ନାବାଳିକା ଗୁରୁତର ହୋଇ ଯାଜପୁର ମୁଖ୍ୟଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବାବେଳେ ତାଙ୍କ ମା' ମାର୍ଚ୍ଚ ୫ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୪୬/୨୩ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଦଫା ୩୭୬(ଏବି) ଓ ୪ (୨)ପୋକ୍ସୋ ଆକ୍ଟରେ କୋର୍ଟଚାଲାଣ କରିଥିଲା। ଡାକ୍ତରୀ ରିପୋର୍ଟ ଓ ୧୩ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ପଲ୍ଲିଶ୍ରୀ ମେଳାକୁ ନେଇ ଭାଜପା, ବିଜେଡି ଶକ୍ତି ପ୍ରଦର୍ଶନ

**ବିଜେଡିର ରାସ୍ତାରୋକୋ, ମେଳା ବନ୍ଦକଲା ପ୍ରଶାସନ**

**ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁରର ଗଣପର୍ବ କାଳୀ ପୂଜା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଲ୍ଲିଶ୍ରୀମେଳା ଆୟୋଜନ କରାଯାଇଥାଏ। ଏହି ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଆସି ବ୍ୟବସାୟ କରିଥାନ୍ତି ଏବଂ ଜିଲାର ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଘରୋଇ ଉପକରଣ ସାମଗ୍ରୀକୁ ନେଇ ଷ୍ଟଲ୍ ଖୋଲାଯାଇଥାଏ। ମେଳା ପ୍ରାୟ ୭ଦିନ ଧରି ଚାଲୁ ରହିଥାଏ। ଏଥିରେ ଲକ୍ଷାଧିକ ଲୋକ ବିଭିନ୍ନ ଘରୋଇ ଉପକରଣ କିଣିବା ପାଇଁ ସୁଯୋଗ ପାଇଥାନ୍ତି। ମାତ୍ର ଚଳିତବର୍ଷ ମେଳାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଶକ୍ତି ପ୍ରଦର୍ଶନ କରାଯାଇଛି। ଶେଷରେ ପ୍ରଶାସନ ବିଜେଡି ଚାପରେ ମେଳାକୁ ବନ୍ଦ କରିବାକୁ ବାଧ୍ୟ ହୋଇଛି।

ଯାଜପୁର ସହରର କୁସୁମା ପୋଖରୀ ନିକଟ ପଡ଼ିଆରେ ପଲ୍ଲିଶ୍ରୀ ମେଳା ପଡ଼ିବାକୁ ଥିବାବେଳେ ଭାଜପାର ଜଣେ କର୍ମୀଙ୍କ ନାମରେ ମେଳାକୁ ଅନୁମତି ଦିଆଯାଇଥିଲା। ପରେ ଭାଜପାର ଅନ୍ୟ ୩ ବ୍ୟବସାୟୀଙ୍କ ନାମରେ ପଲ୍ଲିଶ୍ରୀମେଳା କରାଯିବାକୁ ପ୍ରଶାସନ ଅନୁମୋଦନ କରିଥିଲା। ଏହି ଘଟଣା ଜଣାପଡିବା ପରେ ଯାଜପୁର ବିଜେଡି ପକ୍ଷରୁ ବିରୋଧ କରାଯାଇଥିଲା। ବିଜେଡି ଜିଲା ପ୍ରଶାସନକୁ ଜଣାଇଥିଲାଯେ, କୌଣସି ବ୍ୟକ୍ତିଗତ ଲୋକଙ୍କ ନାମରେ ଏହାକୁ ଅନୁମତି ପ୍ରଦାନ କରିବା ଏକ ଭୁଲ୍ ନିଷ୍ପତ୍ତି। ମାତ୍ର ପୂର୍ବରୁ ଅନୁମତି ପ୍ରଦାନ ପ୍ରଦାନ କରାଯାଇଥିବାରୁ ଏହା ସପକ୍ଷରେ ଜିଲା ପ୍ରଶାସନ ଅଟଳଥିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବାକ୍‌ବିତଣ୍ଡା ଆରମ୍ଭ ହୋଇଯାଇଥିଲା। ଫଳରେ ବୁଧବାର ଯାଜପୁର ପୂର୍ବତନ ନଗରପାଳ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ଶହଶହ ସଂଖ୍ୟକ ବିଜେଡି କର୍ମୀ କୁସୁମା ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପରେ ଜିଲା ପ୍ରଶାସନ ଓ ଉତ୍ୟକ୍ତ ବିଜେଡି କର୍ମୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିବା ବେଳେ ଏହା ବିଫଳ ହୋଇଥିଲା। ପ୍ରଶାସନ ବାଧ୍ୟ ହୋଇ ପଲ୍ଲିଶ୍ରୀମେଳାକୁ ଚଳିତ ବର୍ଷ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲା। ଯାଜପୁର ପୌରପରିଷଦର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ହେମାଙ୍ଗିନୀ ମହାନ୍ତି, ସେକ୍ ମୁର୍ତ୍ତାଜା, ସୁଭାଶିଷ ରାଉତ, ରେଣୁବାଳା ସାମନ୍ତ, ମାନଗୋବିନ୍ଦ ପତି, ରବୀନ୍ଦ୍ର ସାହୁ, ସୁରେନ୍ଦ୍ର ରଣା, ରାଜୀବ ବେହେରା, ରାଜକିଶୋର ସାହୁ, ବଳଭଦ୍ର ଦାସ ଓ ତୁଷାରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପକ୍ଷରୁ ରାସ୍ତାରୋକୋ କରାଯାଇଛି।

